

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର

କୋରେଇ,୧୩।୫(ସ୍ୱ.ପ୍ର.): ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁର ଛକ ନିକଟରେ ସୋମବାର ସକାଳେ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ନିକଟ ଠାକୁରପାଟଣା ଗ୍ରାମର ଅକ୍ଷୟ କୁମାର ସାହୁ (୪୩)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ସୋମବାର ସକାଳେ ଅକ୍ଷୟ ବାଇକ୍ (ଓଡି-୩୪-୬୭୮୩) ଯୋଗେ ଯାଜପୁରରୋଡରୁ ଘରକୁ ଫେରୁଥିଲେ। ଛୋଟରାୟପୁର ନିକଟରେ ଭାରସାମ୍ୟ ହରାଇ ଏକ ହମ୍ପସରେ ପଡ଼ିଯାଇଥିଲେ। ଫଳରେ ଅକ୍ଷୟଙ୍କ ମୁଣ୍ଡ ଓ କାନରୁ ରକ୍ତ ବାହାରିବା ସହ ସେ ଚେତାଶୂନ୍ୟ ହୋଇ ପଡିଥିଲେ।

### ଫନୀ ବଢ଼ାଇଛି ଲୋକଙ୍କ ଦୁର୍ଦ୍ଦଶା
### ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ

କୋରେଇ,୧୩।୫(ସ୍ୱ.ପ୍ର.): 'ଫନୀ' ପରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ସମସ୍ତ ପରିସ୍ଥିତିକୁ ମୁକାବିଲା କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ପ୍ରଶାସନିକ ଅଧିକାରୀ ତଦନ୍ତ ସମୟରେ ସରକାରୀ ଆଦେଶକୁ ଉଲ୍ଲଂଘନ କରିବା ଯୋଗୁ ଅସନ୍ତୋଷ କୁହୁଳିବାରେ ଲାଗିଛି। କେଉଁଠି ରିଲିଫ ବଣ୍ଟନରେ ଅନିୟମିତତା, କେଉଁଠି କ୍ଷୟକ୍ଷତି ଆକଳନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଦେଖାଯାଇଛି। କ୍ଷୟକ୍ଷତି ଆକଳନ ପାଇଁ ଅନେକ ସ୍ଥାନରେ ଅଧିକାରୀମାନେ ପହଞ୍ଚିପାରି ନ ଥିବା ଅଭିଯୋଗ ହୋଇଛି। ବିଶେଷକରି ବଡ଼ବିରୁହାଁ, ବନ୍ଦାଳ, କାଚରାସାହି, ମୂଳାପାଳ, ବରେଇ ଆଦି ପଞ୍ଚାୟତର ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବିଳମ୍ବ ହେତୁ ଭଙ୍ଗା ଘରକୁ ସଜାଡ଼ିଥିବା ବ୍ୟକ୍ତିଙ୍କ ପାଇଁ କ୍ଷୟକ୍ଷତି ନ ମିଳିବା ଓ ଅର୍ଦ୍ଧଭଗ୍ନ ଘର କିମ୍ବା ଗୁହାଳ ପାଇଁ କ୍ଷୟକ୍ଷତି ଆକଳନ କରିବାକୁ ରୋକଠୋକ ମନା କରିଦେଉଥିବା ଅଭିଯୋଗ ହେଉଛି। ସିଧାସଳଖ ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ କରାଯାଉଛି। ଅଦ୍ୟାବଧି ପଲିଥିନ୍ ମିଳି ନ ଥିବା ଅଭିଯୋଗ ହେଉଛି। ଫନୀ ପରବର୍ତ୍ତୀ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କ୍ଷତିଗ୍ରସ୍ତ ପରିବାରକୁ ଠିକ୍‌ଭାବେ ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ତଦନ୍ତ ପାଇଁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତ ବୋଲି କହିଥିଲେ।

# ପରିମଳ କାର୍ଯ୍ୟରେ ଠିକାସଂସ୍ଥାର ମନମାନି

ଯାଜପୁର ଅଫିସ,୧୩।୫

ରାଜ୍ୟର ସମସ୍ତ ପୌର ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କଠିନ ବର୍ଜ୍ୟବସ୍ତୁର ଠିକଭାବେ ପରିଚାଳନା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ତାଗିଦ କରିଛନ୍ତି। କୌଣସି ବର୍ଜ୍ୟବସ୍ତୁକୁ ଖୋଲା ସ୍ଥାନରେ ପକାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିରେ ଖିଲାପ କରାଯାଉଥିବା ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜରିମାନା ବ୍ୟବସ୍ଥା ରହିଛି। କିନ୍ତୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ପୌରପରିଷଦରେ ଏହିସବୁ ଆଇନ ତଥା ନିର୍ଦ୍ଦେଶ ନିରର୍ଥକ ହୋଇଛି। ରାସ୍ତାଘାଟ ପାର୍ଶ୍ୱରେ କଠିନ ବର୍ଜ୍ୟବସ୍ତୁ ପକାଇବା ପରିବେଶ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏହି ସହରର ପରିମଳ କାର୍ଯ୍ୟର ଘରୋଇକରଣ ହୋଇଛି। ଏଥିପାଇଁ ଜାଗୃତି ନାମକ ଏକ ଠିକାସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ଗତ ଅଢେଇ ବର୍ଷ ମଧ୍ୟରେ ପ୍ରାୟ ୩କୋଟି ଟଙ୍କା ବିଲ୍ ହୋଇସାରିଛି। ଅଥଚ ଏବେ ବି ବ୍ୟସ୍ତବହୁଳ ଦଳା ବାଇପାସ ରାସ୍ତାରେ ଗଦାଗଦା କଠିନ ବର୍ଜ୍ୟବସ୍ତୁ ଦେଖିବାକୁ ମିଳୁଛି। ଦେଶରେ ବ୍ୟବସ୍ଥାଗତ ଦୃଷ୍ଟିରୁ ପୌରାଞ୍ଚଳକୁ ପ୍ରଶାସନିକ ବ୍ୟବସ୍ଥାରୁ ମୁକ୍ତ କରାଯାଇଛି। ସହରବାସୀଙ୍କ ମତଦାନରେ କାଉନସିଲ ଓ ଅଧ୍ୟକ୍ଷ ନିର୍ବାଚିତ ହେଉଛନ୍ତି। ଯଦ୍ୱାରା ସେମାନେ ନିଜ ଅଞ୍ଚଳର ବିକାଶର ପରିଭାଷା ନିଜେ ସ୍ପଷ୍ଟ କରି ତାଙ୍କ ସହରକୁ ଆହୁରି ବିକାଶମୁଖର କରିପାରିବେ। କିନ୍ତୁ ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ବିକାଶର ଗତି ଓଲଟା ହୋଇଛି। ପଦବୀ ଲୋଭରେ ଘୋଡ଼ା ବେପାର ସହରର ବିକାଶକୁ ପ୍ରତିହତ କରିଚାଲିଛି। ଆସୁଥିବା ଅନୁଦାନ ଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧିକ ନିୟୋଜିତ କରାଯାଉଛି। ନିର୍ବାଚିତ କାଉନସିଲର କ'ଣ କରୁଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଉନସିଲରଙ୍କ ପାରିବାପଣିଆ ଓ ବିକାଶର ଦୃଷ୍ଟିଭଙ୍ଗୀ ଅଭାବରୁ ରାଜ୍ୟର ବିଭିନ୍ନ ମହତ୍ୱାକାଂକ୍ଷୀ ଯୋଜନାଗୁଡିକର ଅପମାନ ହେଉଛି। ୨୦୧୭ ସେପ୍ଟେମ୍ବରରେ ପରିମଳ କାର୍ଯ୍ୟର ଘରୋଇକରଣ କରାଯାଇ ଜାଗୃତି ଠିକାସଂସ୍ଥା ସହ ଚୁକ୍ତି ହୋଇଥିଲା। ଘରକୁ ଘର ଆବର୍ଜନା ସଂଗ୍ରହ, ରାସ୍ତାଘାଟ ଝାଡୁ କରାଯିବା, ନାଳ ସଫା, ଅସ୍ଥାୟୀ ଡମ୍ପିୟାର୍ଡରେ ଆବର୍ଜନା ଜମା କରି ସକାଳ ସୁଦ୍ଧା ଅସ୍ଥାୟୀ ଡମ୍ପିୟାର୍ଡରୁ ଆବର୍ଜନା ଉଠାଯିବା ନେଇ ଚୁକ୍ତିରେ ସର୍ତ୍ତ ରଖାଯାଇଥିଲା। ଯାହାକି ଠିକ ଭାବେ ପରିଚାଳନା ହୋଇପାରୁ ନାହିଁ। ବରଂ ମାସ ପୂରିଲେ ହାରାହାରି ପ୍ରାୟ ୧୪ଲକ୍ଷ ଟଙ୍କା ବିଲ ପଇଠ ହେଉଛି। ବ୍ୟାସନଗର ପୌରପରିଷଦରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୭ ସେପ୍ଟେମ୍ବରରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୮୫ଲକ୍ଷ ଟଙ୍କା, ୨୦୧୮-୧୯ ଆର୍ଥିକ ବର୍ଷରେ ୨କୋଟି ଟଙ୍କା ଜାଗୃତି ଠିକାସଂସ୍ଥାକୁ ପଇଠ ହୋଇଛି। ହେଲେ ରାସ୍ତା କଡ଼ରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ପ୍ରାୟ ୩ମାସ ହେବ ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ। ପ୍ରଥମବର୍ଷ ଘରକୁଘର ବୁଲି ସହରର ୬୦ ପ୍ରତିଶତ ଅଞ୍ଚଳରୁ ମଇଳା ଉଠାଇବେ, ଦ୍ୱିତୀୟ ବର୍ଷ ୮୦ ପ୍ରତିଶତ ଓ ତୃତୀୟ ବର୍ଷ ୧୦୦ ପ୍ରତିଶତ ଏହି କାର୍ଯ୍ୟ କରିବାକୁ ଜାଗୃତି ସହିତ ଚୁକ୍ତି ହୋଇଛି। ଏହାବାଦ ଅଳିଆ ଉଠାଣ, ଗଳି ରାସ୍ତା ସଫେଇ, ଡ୍ରେନ ସଫେଇ, ବୁଦା ଓ ଘାସ କଟା ଆଦି ୧୦୦ ପ୍ରତିଶତ କରିବାକୁ ଜାଗୃତି ଚୁକ୍ତିରେ ପ୍ରତିଶ୍ରୁତି ଦେଇଛି। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ଏଯାଏ ଅଧିକାଂଶ ୱାର୍ଡରେ ଡଷ୍ଟବିନ ଯୋଗାଣ ହୋଇନାହିଁ। ଉପଯୁକ୍ତଭାବେ ସଫେଇ ନ ହେଲେ ଚୁକ୍ତିରେ ଠିକାସଂସ୍ଥାକୁ ଜୋରିମାନା ବ୍ୟବସ୍ଥା ରହିଛି। ହେଲେ ଏଯାଏ ନିୟୋଜିତ ପ୍ରଭାବଶାଳୀ ଠିକାସଂସ୍ଥା ଜାଗୃତି କ୍ଷେତ୍ରରେ ଏହା ଲାଗୁ ହୋଇନାହିଁ। ବରଂ ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ଭୁଷୁଡିବାରେ ଲାଗିଛି। ସହର ସାରା ସନ୍ତସନ୍ତିଆ ଜାଗା, ଗୋଳିଆ ପାଣି, ପଚାଶଢ଼ା ଓ ଅଳିଆ ଆବର୍ଜନା ମଶାଙ୍କ ଲାଗି ଭୂସ୍ୱର୍ଗ ହୋଇଛି। ଏ ସଂକ୍ରାନ୍ତରେ ପୌରପରିଷଦର ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ଯଦି ଉପଯୁକ୍ତ ଭାବେ ସଫେଇ କରି ପାରୁନାହିଁ ତେବେ ସମ୍ପୃକ୍ତ ଠିକାସଂସ୍ଥାର ମାସିକ ଦେୟ ନିୟନ୍ତ୍ରଣ କରିବାକୁ କୁହାଯାଇଛି। ଏହାବାଦ ଆବଶ୍ୟକ ନୀରିକ୍ଷଣ କରି ସମ୍ପୃକ୍ତ ଠିକାସଂସ୍ଥା ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

**ବ୍ୟାସନଗର ପୌର ପରିଷଦ**



- ଦଳା ବାଇପାସରେ ଗଦା ହୋଇଛି ଆବର୍ଜନା
- ବାର୍ଷିକ ଖର୍ଚ୍ଚ ହେଉଛି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
- ମାସମାସ ଧରି ସଫା ହେଉନି ଡ୍ରେନ

### ବିଶ୍ୱଶାନ୍ତି ମହାଯଜ୍ଞ



ରତ୍ନଗିରି,୧୩।୫(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତର ଯଜ୍ଞେଶ୍ୱର ପୀଠରେ ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ, ସ୍ଥାନୀୟ ମହିଳାମାନେ ଖରସ୍ରୋତା ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଦୀର୍ଘଦିନ ଧରି ପରମ୍ପରା ଅନୁଯାୟୀ, ସୂର୍ଯ୍ୟ ପୂଜା, ଗୋପୂଜା, ଗୁରୁ ପୂଜା, ଗୋପାଳ ଉପାଚାର ପୂଜା, ଯଜ୍ଞେଶ୍ୱରଙ୍କ ରୁଦ୍ରାଭିଷେକ ପୂଜା, ନନ୍ଦଲାଲଙ୍କ ଷୋଡ଼ଶୋପଚାର, ସପ୍ତଦିବସୀୟ ଭାଗବତ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ଆଗାମୀ ଚନ୍ଦନ ପୂର୍ଣ୍ଣିମାରେ ସମାପନ ହେବ ବୋଲି ଜଣାପଡ଼ିଛି। ପୂଜକ ଆଚାର୍ଯ୍ୟ ଭାବେ ଉପେନ୍ଦ୍ର ମିଶ୍ର, ପଦ୍ମନାଭ ମିଶ୍ର, ସୁବାସ ଚନ୍ଦ୍ର ପତି, ସୁମନ୍ତ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତାଭାବେ ରଞ୍ଜନ କୁମାର ଜେନା, ରଞ୍ଜିତା ଜେନା ଓ ଦୁର୍ଯ୍ୟୋଧନ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୂଷିତ ଜଳ ନିଷ୍କାସନ ଦାବି



ରାସ୍ତାରେ ଜମି ରହିଥିବା ଦୂଷିତ ପାଣି।

ଧର୍ମଶାଳା,୧୩।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆ ଗ୍ରାମର ଦଳେଇସାହି ଖଣ୍ଡାୟତ ସାହି ଗ୍ରାମ ଉନ୍ନୟନ ରାସ୍ତା ନିକଟରେ ଦୀର୍ଘଦିନ ଧରି ଦୂଷିତ ପାଣି ଜମି ରହିବା ଯୋଗୁ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହି ପାଣି ନିଷ୍କାସନ ନ ହୋଇ ଜମି ରହିବା ଫଳରେ ସ୍ଥାନୀୟ ଲୋକେ ରାସ୍ତା ଅତିକ୍ରମ କରି ଯାଉଥିବାବେଳେ ଦୁର୍ଗନ୍ଧରେ ଅତିଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି। ପାଣି ଜମି ରହିବା ଫଳରେ ମଶାମାଛିଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଅପରପକ୍ଷେ ଦୂଷିତ ପରିବେଶକୁ ଫନୀ ବାତ୍ୟା ଆହୁରି ବଢାଇ ଦେଇଛି। ଏ ସମ୍ପର୍କରେ ଗ୍ରାମବାସୀ ଜାରକାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସୋମବାର ବିଭାଗୀୟ ସହକାରୀଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଜଳ ନିଷ୍କାସନ ପାଇଁ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଇଥିବା ଜଣାପଡିଛି। ଦୂଷିତ ଜଳ ନିଷ୍କାସନ ଲାଗି ତୁରନ୍ତ ଏହି ଆର୍‌ଡି ରାସ୍ତାରେ ୩ଟି ହ୍ୟୁମପାଇପ୍ ବସାଇ ଦୂଷିତ ଜଳକୁ ନିଷ୍କାସନ କରି ନାଳକୁ ଛଡିବାକୁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ଏ ଦିଗରେ ସମସ୍ତ ପ୍ରକାର ସହଯୋଗ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଯୁବଗୋଷ୍ଠୀ ସହଯୋଗ କରିବା ପାଇଁ ଆଗଭର ରହିଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକେ ଲିଖିତ ଆକାରରେ ଜଣାଇଛନ୍ତି।

### ବିପନ୍ନଙ୍କୁ ବିସ୍କୁଟ, ପାଣି, ସାବୁନ ବଣ୍ଟନ

ଧର୍ମଶାଳା,୧୩।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ ଫନୀ ବାତ୍ୟାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଞ୍ଜିରା ପଞ୍ଚାୟତ ବୁରୁସାହି ବାସିନ୍ଦା ଏବେ ଏମାନେ ପଲିଥିନ ତଳେ ଜୀବନ ବିତାଉଛନ୍ତି। ବହୁବର୍ଷ ଧରି ପାହାଡ ପାଦଦେଶରେ ଝାଟିମାଟି ଘରେ ବସବାସ କରୁଥିବା ୨୩ଟି ପରିବାରକୁ ପ୍ରଶାସନ ଅଣଦେଖା କରିଆସୁଥିବା ବେଳେ ଚଳିତ ବାତ୍ୟା ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢାଇଦେଇଛି। ସେମାନଙ୍କ ସମସ୍ୟା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭିନ୍ନ ଅନୁଷ୍ଠାନ ସହଯୋଗର ହାତ ବଢାଇଛନ୍ତି। ଭାରତୀୟ ଏକାଡେମୀ ଟ୍ରଷ୍ଟ ଧର୍ମଶାଳା ଶାଖା ପକ୍ଷରୁ କର୍ମକର୍ତ୍ତା ମାନେ ରବିବାର ବୁରୁସାହିରେ ପହଞ୍ଚି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶ୍ୱ ନର୍ସ ଦିବସ ଅବସରରେ ଟ୍ରଷ୍ଟ ପକ୍ଷରୁ ଜିଲା ସଂଯୋଜକ ଲକ୍ଷ୍ମୀ ଖମାରୀ, ନିରୁପମା ଜେନା, କେଶବ ବେଜ ବୁରୁସାହିକୁ ଯାଇ ବିସ୍କୁଟ, ପାଣି, ସାବୁନ ଓ ସର୍ଫ ଦେଇ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ।

■ ଏଟିଏମ୍‌ରେ ଗଣ୍ଡଗୋଳ

## ପ୍ରତିବାଦ କରି ମାଡ଼ଖାଇଲେ ଯୁବକ

ଦଶରଥପୁର,୧୩।୫(ଡି.ଏନ.ଏ.)

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥିତ ଏକ ଏଟିଏମ୍ ଭିତରେ ସୋମବାର ଜଣେ ଯୁବକ ଗଣ୍ଡଗୋଳ କରୁଥିବା ଅନ୍ୟ ଜଣେ ଯୁବକଙ୍କୁ ପ୍ରତିବାଦ କରିଥିଲେ। ଫଳରେ ଗଣ୍ଡଗୋଳ କରୁଥିବା ଯୁବକ ଜଣକ ତାଙ୍କ ନାକକୁ ମାରି ରକ୍ତାକ୍ତ କରିଥିଲେ। ଖବରପାଇ ମଙ୍ଗଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଡମାରିଥିବା ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏହି ବ୍ଲକ ନିଜାମପୁର ପଞ୍ଚାୟତ ରଡଗାଁ ଗ୍ରାମର ଚନ୍ଦ୍ରମଣି ପଣ୍ଡା ନାମକ ଜଣେ ଯୁବକ ମଙ୍ଗଳପୁର ବଜାରରେ ଷ୍ଟୋର୍ସ ଦୋକାନ କରିଥିଲେ। ତାଙ୍କ ଦୋକାନ ସମ୍ମୁଖରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ ସୋମବାର ଅପରାହ୍ନରେ ଟଙ୍କା ଜମା କରିବାକୁ ଯାଇ ଲାଇନ୍‌ରେ ଠିଆ ହୋଇଥିଲେ। ଚନ୍ଦ୍ରମଣି ଟଙ୍କା ଜମା କରିବା ପରେ ଦୀର୍ଘସମୟ ଧରି ମେସିନ୍ ଆଗରେ ଛିଡା ହୋଇ ରହିବା ସହ ପଛରେ ଲାଇନ୍‌ରେ ଥିବା କୌଣସି ଲୋକଙ୍କୁ ସେବାର ସୁଯୋଗ ଦେଇ ନ ଥିଲେ। ଚନ୍ଦ୍ରମଣିଙ୍କ ପଛରେ ଠିଆ ହୋଇଥିବା ମଲ୍ଲିକାପୁର ପଞ୍ଚାୟତ ମହାନ୍ତିପାଟଣା ଗ୍ରାମର ବିଜୟ କୁମାର ମଲ୍ଲିକ ମେସିନ୍ ଛାଡ ବୋଲି କହିଥିଲେ। ଫଳରେ ଚନ୍ଦ୍ରମଣି ଏଟିଏମ୍ ମନିଟରର କାଚ ଏବଂ କିବୋର୍ଡକୁ ବିଧା ମାରିଥିଲେ। ପଛରେ ଥିବା ଲୋକେ କାହିଁକି ବିଧା ମାରି ସର୍ବସାଧାରଣଙ୍କ ସମ୍ପତ୍ତିକୁ ନଷ୍ଟ କରୁଛ, ଏଟିଏମ୍ ଖରାପ ହେଲେ ଲୋକେ ହଇରାଣ ହେବେ ବୋଲି କହିଥିଲେ। ଏହାକୁ ଚନ୍ଦ୍ରମଣିଙ୍କ ପଛରେ ଲାଇନ୍‌ରେ ଥିବା ବିଜୟ ମଧ୍ୟ ପ୍ରତିବାଦ କରିଥିଲେ। ଚନ୍ଦ୍ରମଣି ଏଥିରେ ଉତ୍କ୍ଷିପ୍ତ ହୋଇ ମେସିନ୍ ଭାଙ୍ଗିଦେବେ, କ'ଣ କରିପାରିବୁ କହି ବିଜୟଙ୍କୁ ମାରିବା ଦ୍ୱାରା ତାଙ୍କ ନାକରୁ ରକ୍ତ ବାହାରିଥିଲା। ଫଳରେ ଏଟିଏମ୍‌ରେ ଥିବା ଲୋକଙ୍କ ମଧ୍ୟରୁ କେହି ମଙ୍ଗଳପୁର ଥାନାକୁ ଖବର ଦେଇଥିଲେ। ଖବରପାଇ ଥାନାଧିକାରୀ ଅସିତ୍ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ଚନ୍ଦ୍ରମଣିଙ୍କୁ ଘଟଣାସ୍ଥଳରୁ ଥାନାକୁ ନେଇଆସିଛି। ବିଜୟ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତହୋଇ ଚନ୍ଦ୍ରମଣିଙ୍କ ନାମରେ ଥାନାରେ ଏତଲା କରିଛନ୍ତି। ଘଟଣା ସମ୍ପର୍କରେ ଥାନାଧିକାରୀ ଅସିତ୍ ମହାନ୍ତିଙ୍କୁ ପଚାରିବାରୁ, ଚନ୍ଦ୍ରମଣି ବିଜୟଙ୍କୁ ମାରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେଣୁ ଚନ୍ଦ୍ରମଣିଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

### ୧୦ଦିନ ପରେ ବି ମିଳିଲାନି ପଲିଥିନ୍

ଧର୍ମଶାଳା,୧୩।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ବୃନ୍ଦାଦେଈପୁର ପଞ୍ଚାୟତର ଡିହକଷ୍ଟି ଗ୍ରାମର ବାତ୍ୟା ବିପନ୍ନ ପରିବାରଙ୍କୁ ପଲିଥିନ କିମ୍ବା ରିଲିଫ ସାମଗ୍ରୀ ମିଳିନ ଥିବା ଅଭିଯୋଗ ହୋଇଛି। ବାତ୍ୟା ପରେ ସ୍ଥାନୀୟ ଆର୍‌ଆଇ ଗ୍ରାମରେ କ୍ଷୟକ୍ଷତି ତଦନ୍ତ କରିଯାଇଛନ୍ତି। ହେଲେ ୧୦ଦିନ ପରେ ମଧ୍ୟ ବିପନ୍ନଙ୍କୁ ସରକାରୀ ସହାୟତା ମିଳି ନାହିଁ। ଡିହକଷ୍ଟି ଗ୍ରାମର ପ୍ରଶାନ୍ତ ମଲ୍ଲିକ ରହୁଥିବା ଚାଳଛପର ଘର ବାତ୍ୟାରେ ଭାଙ୍ଗି ଯାଇଥିଲେ ମଧ୍ୟ ତାଙ୍କୁ ସହାୟତା ମିଳିପାରି ନାହିଁ। ସେ ବାଧ ହୋଇ ପରିବାର ସହ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କୁ ପଲିଥିନ ମିଳିନ ଥିବା ସେ କହିଛନ୍ତି। ସେହିପରି ବୃନ୍ଦାଦେଈପୁର ପଞ୍ଚାୟତରେ ରିଲିଫ ପହଞ୍ଚି ନ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

PARADIP PORT TRUST
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Ink Tank Based Printer on Buy Back basis of 49 Nos. of different make printers.** The last date and time of submission of the tender is 17.15 Hours on Dt.22/05/2019.
For details, log on to website **https://eprocure.gov.in/eprocure/app.**
**Sr.Dy. Materials Manager**
**PPT/PR/39/19-20** Dt. 13.05.2019

**୨ ବର୍ଷ ପରେ ମିଳିଲା ନ୍ୟାୟ**

## ବିଜୟୀ ହେଲେ ପରାଜିତ ସରପଞ୍ଚ

ଚଣ୍ଡିଖୋଲ/ଛତିଆ,୧୩।୫(ଡି.ଏନ.ଏ.)

**ଭୋଟ ଗଣତିରେ ଚଞ୍ଚକତା ଘଟଣା**
- ନିର୍ବାଚନ ମଇଦାନରେ ଥିଲେ ୭ ପ୍ରାର୍ଥୀ
- ସୁଲୋଚନା ଓ ଆଶାଲତାଙ୍କ ମଧ୍ୟରେ ହୋଇଥିଲା କଡ଼ା ଟକ୍କର
- କୋର୍ଟରେ ପୁନର୍ବାର ହୋଇଥିଲା ଗଣତି
- ସୁଲୋଚନାଙ୍କର କାଏମ ରହିଲା ୧୧୪୧ ଖଣ୍ଡ ଭୋଟ୍

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ଗଣତିରେ ଚଞ୍ଚକତା କରାଯାଇ ପରାଜିତ ହୋଇଥିବା ସରପଞ୍ଚ ପ୍ରାର୍ଥୀ ସୁଲୋଚନା ପ୍ରଧାନଙ୍କୁ କୋର୍ଟ ବିଜୟୀ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ୨୦୧୭ ଫେବୃୟାରୀରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତର ୭ ଜଣ ପ୍ରାର୍ଥୀ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ସୁଲୋଚନା ପ୍ରଧାନ ଓ ଆଶାଲତା ସ୍ୱାଇଁଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ସମୟରେ ସୁଲୋଚନା ଅଧିକ ଭୋଟ ପାଇଥିଲେ ମଧ୍ୟ ଚଞ୍ଚକତା କରାଯାଇ ଆଶାଲତାଙ୍କୁ ବିଜୟୀ ଘୋଷିତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଚାଲେଞ୍ଜ କରି ସୁଲୋଚନା ୬/୨୦୧୭ ନଂ.ରେ ଚଣ୍ଡିଖୋଲ ସିଭିଲ ଜଜ୍‌ଙ୍କ ଇଜିଲାସରେ ଏକ ନିର୍ବାଚନୀ ଯାଚିକା ଦାଏର କରିଥିଲେ। ଏହି ଯାଚିକାକୁ ବିଚାର କରି ଓ ଉଭୟ ପକ୍ଷଙ୍କ ସାକ୍ଷ୍ୟ ପ୍ରମାଣ ଶୁଣିବା ପରେ କୋର୍ଟରେ ପୁନର୍ବାର ଭୋଟ ଗଣତି କରାଯାଇଥିଲା। ଭୋଟ ଗଣତିରେ ସୁଲୋଚନାଙ୍କର ୧୧୪୧ ଖଣ୍ଡ ଭୋଟ କାଏମ ରହିଥିଲା। ଫଳରେ ବିଚାରପତି ନେହା ଅଗ୍ରୱାଲ ସୁଲୋଚନାଙ୍କୁ ବିଜୟୀ ଘୋଷଣା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଭୋଟ ଗଣତି ବେଳେ ଚଞ୍ଚକତା କରାଯାଇ ବ୍ଲକ କାର୍ଯ୍ୟାଳୟରେ ଆଶାଲତା ୧୧୨୯ ଖଣ୍ଡ ଭୋଟ ପାଇଥିବା ଦର୍ଶାଯାଇଥିବାବେଳେ ସୁଲୋଚନା ୧୧୨୩ ଖଣ୍ଡ ଭୋଟ ପାଇଥିବା ଦର୍ଶାଇ ଆଶାଲତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କୋର୍ଟଙ୍କର ଏହି ରାୟ ପ୍ରକାଶ ପରେ ପ୍ରକୃତ ନ୍ୟାୟ ମିଳିଥିବା ସୁଲୋଚନା ପ୍ରକାଶ କରିଛନ୍ତି। ଏଥି ସହ ଚମ୍ପାପୁର ପଞ୍ଚାୟତରେ ଖୁସିର ମାହୋଲ ଦେଖାଦେଇଛି। ୨ ବର୍ଷ ଧରି କ୍ଷମତା ଉପଭୋଗ କରିବା ପରେ ଆଶାଲତା ଏବେ ସରପଞ୍ଚ ପଦବୀ ଛାଡ଼ିବେ ଓ ସୁଲୋଚନା ପ୍ରଧାନ ଏହି ପଦବୀ ପାଇବେ ବୋଲି ଜଣାପଡ଼ିଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
**TENDER NOTICE NO. SR.G.M. (S&S) - 01/2019-20**
For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 7 Nos. of 2.0 Ton and 1 No. 1.5 Ton 3 Star Inverter Split A.C. Machines (Make : LG / Carrier / Blue Star / Hitachi / Voltas) and 5.0KVA Voltage Stabilizers for OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Split A.C. Machines with Voltage Stabilizers for OPTCL/GRIDCO".** Tender papers can be downloaded from the OPTCL website from **dt.11.05.2019** to **dt.23.05.2019** up to **1.00 PM** . The last date for receipt of tender is **dt.23.05.2019** upto **1:00 PM.** The tender will be opened on **dt.23.05.2019 at 4:00 PM.** Interested firms may visit OPTCL's official website **www.optcl.co.in** for detail specifications.
Sd/- **Sr. General Manager (S&S)**
Please connect us: optcl.odisha optcl_odisha energyodisha

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
**ସିଗ୍ନାଲିଂ ଓ ଟେଲିକମ୍ୟୁନିକେଶନ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ରେଲୱେ ମ୍ୟାନେଜର (ଏସ୍ ଆଣ୍ଡ ଟି)/ରାୟପୁର ନିମ୍ନଦର୍ଶିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:
(୧) ଟେଣ୍ଡର ବିଜ୍ଞପ୍ତି ନଂ.: ୫୦୫-ଏସ୍‌ଏନ୍‌ଟି-ଆର୍-୨୦୧୯-୦୧ ତାରିଖ: ୦୮।୦୫।୨୦୧୯
**କାର୍ଯ୍ୟର ନାମ:** ସିଗ୍ନାଲିଂ ଓ ଟେଲିକମ୍ କାର୍ଯ୍ୟ ସମ୍ପାଦନ: (୧) ରାୟପୁର ଡିଭିଜନର ଏମ୍‌ଏକ୍ସଏ-ଡିଆର୍‌ଜେଡ୍ ସେକ୍ସନରେ ଆର୍‌ଏସ୍‌ଏ ଏବଂ ବିଏକ୍ସଏ ଠାରେ ଅତି ପୁରୁଣା ଆନାଲଗ୍ ଏକ୍ସିଲ୍ କାଉଣ୍ଟରକୁ ଡିସି ଟ୍ରାକ୍ ସର୍କିଟ୍ ସହିତ ବଦଳାଇବା। (୨) ବିକ୍ୟୁଆର୍‌ଠାରେ ଅପ୍ ଲୁପ୍ ଲାଇନ୍ ଉପରେ ମେଶିନ୍ ସାଇଡିଂର ସଂଯୋଗୀକରଣ। (୩) ରାୟପୁର ଡିଭିଜନର ଡିବିଇସି (ଏଚ୍-କ୍ୟାବିନ୍, ବିଏମ୍‌ୱାଇ)ଠାରେ ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା। (୪) ଦୁର୍ଗ ଷ୍ଟେଶନଠାରେ ଲାଇନ୍ ନଂ.୪ର କ୍ଷତିଗ୍ରସ୍ତ ୱାଶେବଲ୍ ଆପ୍ରନ୍‌କୁ ବଦଳାଇବା। (୫) ତିଲ୍‌ଦା ଷ୍ଟେଶନଠାରେ ବିଦ୍ୟମାନ ଥ୍ରୋ ଏଫ୍‌ଓବିକୁ ସୁରକ୍ଷା ଦୃଷ୍ଟିରୁ ଜବରଦଖଲକୁ ଦୂର କରିବା ପାଇଁ ୩.୦୦ ମିଟର ଚଉଡ଼ା ନୂଆ ଏଫ୍‌ଓବି ଦ୍ୱାରା ବଦଳାଇବା। (୬) କିମି ୮୨୯/୩୧-୩୫ (୮୨୯.୫୪୧)ଠାରେ ପିଡବ୍ଲ୍ୟୁଡି ବିଭାଗ, ରାୟପୁର (ରାଜ୍ୟ ସରକାର ଛତିଶଗଡ଼)ଙ୍କ ଦ୍ୱାରା ତେଲଘନି ନାକାରୁ ରାମନଗରକୁ ସଂଯୋଗ କରୁଥିବା ଆର୍‌ୟୁବି ନିର୍ମାଣ ସଂକ୍ରାନ୍ତରେ କେବୁଲ ସ୍ଥାନାନ୍ତର କାର୍ଯ୍ୟ। (୭) ଏନ୍‌ଜିପି-ଏଚ୍‌ଡବ୍ଲ୍ୟୁଏଚ୍ ମେନ୍‌ଲାଇନ୍ ଉପରେ ଓଏଚ୍‌ଇ ମାଷ୍ଟ ନଂ.୮୨୯/୨୩ଏନ୍-୨୭ଏନ୍ ମଧ୍ୟରେ ରେଳ ଷ୍ଟେଶନ ନିକଟସ୍ଥ ବିଦ୍ୟମାନ ଆର୍‌ଓବି ପାର୍ଶ୍ୱରେ ତେଲଘନି ନାକା ପାଖରେ ପିଡବ୍ଲ୍ୟୁଡି ବିଭାଗ (ରାଜ୍ୟ ସରକାର ଛତିଶଗଡ଼)ଙ୍କ ଦ୍ୱାରା ଟ୍ରାଫିକ୍ ସୁବିଧା ପାଇଁ ଆର୍‌ଓବି ନିର୍ମାଣ ସଂକ୍ରାନ୍ତରେ କେବୁଲ ସ୍ଥାନାନ୍ତର କାର୍ଯ୍ୟ। (୮) ରାୟପୁର ଷ୍ଟେଶନଠାରେ ଲାଇନ୍ ନଂ.୧ ଓ ଲାଇନ୍ ନଂ.୨ର କ୍ଷତିଗ୍ରସ୍ତ ୱାଶେବଲ୍ ଆପ୍ରନ୍‌କୁ ବଦଳାଇବା।
**ଟେଣ୍ଡର ମୂଲ୍ୟ:** ₹୬୭,୮୯,୭୦୪/-। **ଇଏମ୍‌ଡି:** ₹୧,୩୫,୮୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/- । **ସମାପ୍ତି ଅବଧି:** ୦୯ (ନଅ) ମାସ।
ବିଡ଼ରମାନେ କେବଳ **ତା୧୮।୦୬।୨୦୧୯ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍‌ସାଇଟ୍: **www.ireps.gov.in**ରେ ଉପଲବ୍ଧ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଏସ୍‌ଆଣ୍ଡଟି)
PR/R/S&T/AK/20 ଏସ୍.ଇ.ସି. ରେଳପଥ, ରାୟପୁରଙ୍କ ପାଇଁ
ସ୍ୱଚ୍ଛ ଭାରତ ଅଭିଯାନ

## ବିପଜ୍ଜନକ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ



ରତ୍ନଗିରି, ୧୩।୫(ଡି.ଏନ.ଏ.)

ସାମୁଦ୍ରିକ ବାତ୍ୟା 'ଫନୀ' ପ୍ରଭାବରେ ଏରବାଙ୍କ ପଞ୍ଚାୟତ ଅଧୀନ ଦଳେଇ ସାହିରେ ଥିବା ବିଦ୍ୟୁତ୍ ଖୁଣ୍ଟ ବିପଜ୍ଜନକ ଅବସ୍ଥାରେ ରାସ୍ତା ଉପରେ ରହିଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ବି ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏହି ରାସ୍ତା ଦେଇ ପ୍ରତିଦିନ ମା' ବଟମଙ୍ଗଳା ପୀଠକୁ ଶହଶହ ଶ୍ରଦ୍ଧାଳୁ ଯାତାୟାତ କରିଥାନ୍ତି। ହେଲେ ଏବେ ବିଦ୍ୟୁତ୍ ଖୁଣ୍ଟ ବିପଜ୍ଜନକ ଭାବେ ଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଭୟ ରହିଛି। ଏହା ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।




**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍‌ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍‌ଡିଂ ଏବଂ ଏସ୍‌ପିଏମ୍ କ୍ୱାର୍ଟର୍‌ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍‌ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୭।୦୫।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନି ଶହ) ଦିନ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizarde.com**ରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ସଂକ୍ଷେପରେ

### ବାତ୍ୟା ବିପନ୍ନଙ୍କ ପାଇଁ ସହାୟତା

**କେନ୍ଦ୍ରାପଡା ଅଫିସ, ୧୩।୫:** ଗତ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ରାଜ୍ୟର ୧୪ ଜିଲାକୁ କ୍ଷତିଗ୍ରସ୍ତ କରିଛି । ବିଶେଷ କରି ପୁରି, ଭୁବନେଶ୍ୱର ଓ କଟକ ଆଦି ଅଞ୍ଚଳରେ ଏହାର ବିଶେଷ ପ୍ରଭାବ ପଡ଼ିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ବାତ୍ୟାଜନିତ ସାହାଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ଏହି ଚେକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଏହି ସମୟରେ ସୋଇଟିର ବୀମା ପରାମର୍ଶଦାତା କମଳାକାନ୍ତ ସୁଆର ଉପସ୍ଥିତ ଥିଲେ । ଏ ସମ୍ପର୍କରେ ସୋସାଇଟିର ସମ୍ପାଦକ ପ୍ରହଲ୍ଲାଦ ସାହୁ ଓ ସହ ସମ୍ପାଦକ ଅରବିନ୍ଦ ସାହୁ କୁହନ୍ତିଯେ, ସୋସାଇଟି ପକ୍ଷରୁ ବିଭିନ୍ନ ସମୟରେ କୃତି ପ୍ରତିଭାଙ୍କୁ ସମ୍ମାନିତ କରିବା ସହିତ ବିପଦଗ୍ରସ୍ତଙ୍କୁ ଆଶୁ ସହାୟତା ଯୋଗାଇ ଦିଆଯାଏ।

### ଦୁର୍ଘଟଣାରେ ଆହତ ବ୍ୟବସାୟୀଙ୍କ ମୃତ୍ୟୁ

**ଡେରାବିଶ,୧୩।୫(ସ୍ୱ.ପ୍ର.) :** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମର ବ୍ୟବସାୟୀ ପ୍ରଦୀପ କୁମାର ବେହେରା(୪୪)ଙ୍କ ବିୟୋଗରେ ସ୍ଥାନୀୟ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି । ଗତ ୪ଦିନ ତଳେ ପ୍ରଦୀପ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚଣ୍ଡିବଜାର ନିକଟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିଲେ । ସୋମବାର ପ୍ରତ୍ୟୁଷରେ ତାଙ୍କର ପରଲୋକ ଘଟିଛି । ବାଲିଆ ବଜାରରେ ତାଙ୍କର ବ୍ୟବସାୟ ପ୍ରତିଷ୍ଠାନ ଥିଲା । ତାଙ୍କ ବିୟୋଗରେ ଆଜି ବାଲିଆ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ବଡପୁଅ ମୁଖାଗ୍ନି ଦେଇଥିଲେ ।

### ଦୁର୍ଘଟଣାରେ ଜଣେ ମୃତ

କୋଦଳା,୧୩।୫(ଡି.ଏନ୍.ଏ.): ଗଞ୍ଜାମ ଜିଲା କୋଦଳା ଖରଖରୀ ପୋଲ ନିକଟରେ ସୋମବାର ରାତି ୮ଟାରେ ଏକ ସାଇକେଲକୁ ବାଇକ୍ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସାଇକେଲ ଆରୋହୀଙ୍କ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ବ୍ରହ୍ମପୁର ନିକଟସ୍ଥ ପୁଲଟା ଗାଁର ନିରଞ୍ଜନ ନାହାକ। କୋଦଳା ନିକଟସ୍ଥ ସାତନଳା ଗ୍ରାମର ବିଶ୍ୱନାଥ ପଣ୍ଡା କୋଦାଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବିଶ୍ୱନାଥ ବେଗୁନିଆପଡ଼ାରୁ ନିଜ ଗ୍ରାମକୁ ସାଇକେଲରେ ଫେରୁଥିବା ବେଳେ ପଛପଟୁ ନିରଞ୍ଜନଙ୍କ ବାଇକ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ବିଶ୍ୱନାଥଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ପହଞ୍ଚି ସାଇକେଲ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ■ଫନୀ ବାତ୍ୟାରେ କାଜୁଗଛ ପ୍ରଭାବିତ

# ଭାସିଗଲା ୧୦୦ରୁ ଊର୍ଦ୍ଧ୍ୱ କାଜୁଗଛ

**ମହାକାଳପଡା,୧୩।୫(ଡି.ଏନ୍.ଏ.)**



ଫନୀ ବାତ୍ୟାରେ ଜଙ୍ଗଲରୁ ଧୋଇ ଯାଇଥିବା ବାଲି ଓ ଭାଙ୍ଗିଯାଇଥିବା କାଜୁ ଗଛ ।

ଫନୀ ବାତ୍ୟାରେ ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ବହୁ କାଜୁ ଗଛ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଏହି ପଞ୍ଚାୟତର ବାହାକୁଦଠାରେ ଏହି ବାତ୍ୟା ପ୍ରଭାବ ପକାଇଛି । ଉଚ୍ଚ ଜ୍ୱାର ଯୋଗୁ ସମୁଦ୍ର ନିକଟରେ ଥିବା ଏହି ଗଛଗୁଡିକ ମୂଳରୁ ବାଲି ଧସିଯାଇଛି। ଫଳରେ ମହାନଦୀରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କାଜୁଗଛ ଭାସିଯାଇଛି।

ସୂଚନାଯୋଗ୍ୟ, ବାହାକୁଦସ୍ଥିତ ମହାନଦୀ କୂଳରେ ୨୩୩ ଏକର ଜମିରେ ୬ ହଜାରରୁ ଅଧିକ କାଜୁଚାରା ରୋପଣ କରାଯାଇଥିଲା। ଏହି ପଞ୍ଚାୟତର ପିତାପାଟସ୍ଥିତ କାଜୁ ଜଙ୍ଗଲର ୧୮୨ ଏକର ଜମିରେ ୫ ହଜାରରୁ ଊର୍ଦ୍ଧ୍ୱ କାଜୁ ଗଛ ରହିଛି। ସେହିପରି ରାମନଗରସ୍ଥିତ କାଜୁ ପ୍ରକଳ୍ପରେ ୩୫୪ ଏକର ଜମିରେ ୮ ହଜାରରୁ ଅଧିକ କାଜୁ ଗଛ ରହିଛି। ୧୯୯୯ ମହାବାତ୍ୟା ସମୟରେ ଏହି ୩ କାଜୁ ଜଙ୍ଗଲକୁ ବହୁ ପରିମାଣର କ୍ଷତି ସହିବାକୁ ପଡିଥିଲା। ସେହିପରି ୨୦୧୩ ଫାଇଲିନ୍ ଓ ୨୦୧୪ ହୁଡ୍‌ହୁଡ୍ ସମୟରେ ବହୁ କାଜୁ ଗଛ ନଷ୍ଟ ହୋଇଥିଲା। ଏବେ ଫନୀ ବାତ୍ୟାରେ ବାହାକୁଦସ୍ଥିତ ମହାନଦୀ କୂଳରେ ଥିବା କାଜୁ ଗଛ ମୂଳରୁ ବାଲି ଧୋଇ ହୋଇଯାଇଛି। ଫଳରେ ବହୁ କାଜୁ ଗଛ ଧରାଶାୟୀ ହୋଇ ପଡିବା ସହ ବହୁ ଗଛ ମହାନଦୀ ଗର୍ଭରେ ଲୀନ ହୋଇଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କାଜୁ ଗଛ ଗୁଡିକରେ ଏବେ କାଜୁ ଫଳିଥିବା ବେଳେ ଆସନ୍ତା ୩ରୁ ୪ ସପ୍ତାହ ମଧ୍ୟରେ କାଜୁ ମଞ୍ଜି ସଂଗ୍ରହ କରାଯିବ। ଏହି ୩ କାଜୁ ଜଙ୍ଗଲକୁ ସରକାରୀ ଭାବେ କାଜୁ ନିଗମ ନିଲାମ ଦେଇଛି। ଆଗାମୀ ଦିନରେ ଏହି କାଜୁ ଗଛଗୁଡିକୁ ରକ୍ଷା କରିବା ପାଇଁ ବାହାକୂଦଠାରୁ ବନ୍ତନାସୀ ପର୍ଯ୍ୟନ୍ତ ମହାନଦୀ କୂଳ ପାଖରେ ସୁଉଚ୍ଚ ପଥର ବନ୍ଧ ନିର୍ମାଣ କରିବାକୁ ଦାବି ହୋଇଛି। ଏନେଇ ଏହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ ଜଳ ସମ୍ପଦ ବିଭାଗ ସଚିବ ପ୍ରଦୀପ କୁମାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିବା ପାଇଁ ଜେନା ଆସିଥିବା ବେଳେ ଦେବନାଥ ଏହି ସମସ୍ୟା ସମ୍ପର୍କରେ କହିଥିଲେ। ଏ ସମ୍ପର୍କରେ ରାମନଗରସ୍ଥିତ କାଜୁ ନିଗମ ସୁପର ଭାଇଜର ଅଶୋକ କୁମାର ପାତ୍ର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

■୧୯୯୯ ମହାବାତ୍ୟାରେ ୩ କାଜୁ ଜଙ୍ଗଲକୁ କ୍ଷତି ସହିବାକୁ ପଡିଥିଲା
■ସାମୁଦ୍ରିକ ଉଚ୍ଚ ଜୁଆରରେ ବାଲି ଧସିଯିବାରୁ ନଷ୍ଟ ହେଲା କାଜୁ ଗଛ
■କ୍ଷୟକ୍ଷତିର ତଦନ୍ତ ପାଇଁ ପ୍ରତିଶ୍ରୁତି

### ଆକ୍ରମଣ ଘଟଣାରେ ୩ ଗିରଫ

**ବୁଗୁଡ଼ା,୧୩।୫(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଚିଙ୍ଗିପଡ଼ା ଗ୍ରାମରେ ରବିବାର ସନ୍ଧ୍ୟାରେ ବଡ଼ପୁଅଙ୍କ ଆକ୍ରମଣରେ ବାପା ଓ ୩ ଭାଇ ଗୁରୁତର ଘଟଣାରେ ବୁଗୁଡ଼ା ପୋଲିସ ପରିବାରର ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବଡ଼ପୁଅ ରାମକୃଷ୍ଣ ମହାନ୍ତି, ସ୍ତ୍ରୀ ଲକ୍ଷ୍ମୀ ମହାନ୍ତି ଓ ପୁଅ ଲିପୁନ। ଏନେଇ ବୁଗୁଡ଼ା ଥାନାରେ ନଂ. ୮୯/୧୯ରେ ଏକ ମାମଲା ରୁଜୁ ହୋଇଥିଲା । ପ୍ରକାଶ ଯେ, ଚିଙ୍ଗିପଡ଼ା ଗ୍ରାମରେ ରବିବାର ସନ୍ଧ୍ୟାରେ ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ରକରି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶେଷରେ କ୍ରୋଧାନ୍ୱିତ ହୋଇ ରାମକୃଷ୍ଣ, ତାଙ୍କ ପୁଅ ଏବଂ ସମ୍ପର୍କୀୟମାନେ ମିଶି ବାପା ରାଘବ ଓ ଭାଇ ଟିଟୁ, ସିଦ୍ଧେଶ୍ୱର ଏବଂ ବାପୁନୀଙ୍କୁ କାତି କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରି ଖଣ୍ଡିଆ ଖାବରା କରି ପକାଇଥିଲେ। ବାପା ଓ ତାଙ୍କର ୩ ପୁଅଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଟିଟୁ ଓ ସିଦ୍ଧେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଗତ ରାତିରେ ବୁଗୁଡ଼ା ଆଇଆଇସି ଏସ୍‌ଏସ୍ ମାନ୍ଧାତା ଧରାକୋଟ ଥାନା ଅନ୍ତର୍ଗତ ପଙ୍କଲବାଡ଼ିରେ ରହୁଥିବା ରାମକୃଷ୍ଣଙ୍କ ଶ୍ୱଶୁର ଘରୁ ତାଙ୍କୁ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଓ ପୁଅ ଲିପୁନଙ୍କୁ ଗିରଫ କରିଥିଲେ ।

## ବଢ଼ୁଛି ତାତି: ଚୁପ ବସିଛି ପ୍ରଶାସନ


ଖରାଯୋଗୁ ରାସ୍ତା ଶୂନ୍‌ଶାନ୍ ହୋଇପଡିଛି।

**ଆଳି,୧୩।୫(ଡି.ଏନ୍.ଏ.)**

**ଜନଜୀବନ ଅସ୍ତବ୍ୟସ୍ତ**

ସାରା ରାଜ୍ୟରେ ତାତି ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି । କେନ୍ଦ୍ରାପଡା ଜିଲାର ଆଳି ବ୍ଲକରେ ପାରଦ ଏବେ ୪୦ ଡିଗ୍ରୀ ଛୁଇଁବାକୁ ବସିଲାଣି । ଫଳରେ ଏଠାରେ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସକାଳ ୯ ଟା ବାଜିଲା ବେଳକୁ ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାର ଖାଁ ଖାଁ ଲାଗୁଛି । ଏଠାକାର ପ୍ରମୁଖ ଯୋଗାଯୋଗ ପଥ କଟକ-ଚାନ୍ଦବାଲି ରାସ୍ତା ଶ୍ରୀହୀନ ହୋଇଯାଉଛି । ଏହି ରାସ୍ତାର କୌଣସି ସ୍ଥାନରେ ଗଛଟିଏ ନ ଥିବାରୁ ପଥଚାରୀମାନଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଗଛକଟାହେବା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ବସ୍ ଓ ଅନ୍ୟ ଯାନଗୁଡିକୁ ଅପେକ୍ଷା କରିବା ବେଳେ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି। ଖରାଦାଉରୁ ରକ୍ଷାପାଇଁ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାରର ଆବଶ୍ୟକତା ଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଖରା ବଢିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ରାସ୍ତାର କୌଣସି ସ୍ଥାନରେ ଜଳଛତ୍ର ଖୋଲବା ପାଇଁ ପଦକ୍ଷେପ ନିଆଯାଉ ନାହିଁ । ଆଳି ସଦର ମହକୁମାରେ ବ୍ଲକ କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଥାନା, କୋର୍ଟ, ମେଡିକାଲ, ପୋଷ୍ଟ ଅଫିସ ଓ ବିଭିନ୍ନ ବ୍ୟାଙ୍କ ଆଦି ରହିଛି। ପ୍ରତ୍ୟହ ବହୁ ଲୋକଙ୍କୁ ବିଭିନ୍ନ କାମରେ ଏଠାକୁ ଆସୁଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏପରି କି ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଶୋଷ ମେଣ୍ଟାଇବା ପାଇଁ ଲୋକଙ୍କୁ ବଜାରରେ ମିଳୁଥିବା ବେନାମୀ ପାଣି ପାଉଚ, ମୃଦୁପାନୀୟ, ଲସି ଓ ଆଖୁରସ ଆଦି ପିଇବାକୁ ବାଧ ହେଉଛନ୍ତି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ବିଭିନ୍ନ ଛକରେ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ଓ ଜଳଛତ୍ରର ବ୍ୟବସ୍ଥା କରିବାଲାଗି ସାଧାରଣରେ ଦାବି ହୋଇଛି।

### ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ ଜେଲ

■ ଯା', ଦେଢ଼ଶୁରଙ୍କୁ ସାଢ଼େ ୩ ବର୍ଷ ସଶ୍ରମ କାରାଦଣ୍ଡ

**ଭଞ୍ଜନଗର,୧୩।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ମେଣ୍ଟପୁର ଗ୍ରାମର ଜଣେ ନବବଧୂ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ମହଲତ ସା ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଧ୍ୱଜ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ଦେଢ଼ଶୁର ଭିକାରୀ, ଯା' ରାଜଲକ୍ଷ୍ମୀଙ୍କୁ ଯୌତୁକ ନିର୍ଯାତନା ମାମଲାରେ ସାଢ଼େ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମେଣ୍ଟପୁରର ଚନ୍ଦ୍ରଧ୍ୱଜ ୨୦୧୦ ମେ ୧୬ରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖାଡ଼ଭୂମିର ବାସନ୍ତୀଙ୍କୁ ବିବାହ କରିଥିଲେ । ବିବାହ ପରେ ସେମାନଙ୍କ ଦାମ୍ପତ୍ୟ ଜୀବନ କିଛି ମାସ ଭଲରେ କଟିଥିଲା। ପରେ ଚନ୍ଦ୍ରଧ୍ୱଜ ପୁଣି ୫୦ ହଜାର ଟଙ୍କା ଅଧିକ ଯୌତୁକ ଆଣିବା ପାଇଁ ସ୍ତ୍ରୀ ବାସନ୍ତୀଙ୍କ ଉପରେ ଚାପ ପକାଇଥିଲେ। ତେବେ ବାସନ୍ତୀଙ୍କ ବାପା ସର୍ବେଶ୍ୱର ଜେନା ମାତ୍ର ୧୦ ହଜାର ଟଙ୍କା ଦେଇଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ବାସନ୍ତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏଭଳି ପରିସ୍ଥିତିରେ୨୦୧୩ ଜାନୁୟାରୀ ୯ରେ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ଝିଅକୁ ହତ୍ୟା କରିଛନ୍ତି ବୋଲି ସର୍ବେଶ୍ୱର ସେ ସମୟରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ଦେଢ଼ଶୁର ଓ ଯା'ଙ୍କୁ ଗିରଫ କରିଥିଲା।

## ■ପାଟକୁରା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ

# ରିଲିଫ ପ୍ରଦାନରେ ପାତରଅନ୍ତର ଅଭିଯୋଗ

**ଡେରାବିଶ,୧୩।୫(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ଜୟନ୍ତ ମହାନ୍ତି ଓ ଅନ୍ୟମାନେ।

ବାତ୍ୟା ଫନୀ ପ୍ରଭାବରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏପରି ପରିସ୍ଥିତିରେ ବାତ୍ୟା ବିପନ୍ନଙ୍କୁ ସରକାରଙ୍କ ପକ୍ଷରୁ ରିଲିଫ ପ୍ରଦାନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ଆଣିଛି କଂଗ୍ରେସ । ସୋମବାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଠାକୁରହାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା । ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ଉକ୍ତ ନିର୍ବାଚନମଣ୍ଡଳୀରେ ବିଧାନସଭା ଆସନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଜୟନ୍ତ ମହାନ୍ତି ଉପରୋକ୍ତ ଅଭିଯୋଗ ଆଣିଛନ୍ତି । ସେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି ଯେ, ୧୯୯୯ ମହାବାତ୍ୟାରେ ପାଟକୁରା ନିର୍ବାଚନମଣ୍ଡଳୀରେ ଅଭୂତପୂର୍ବ କ୍ଷୟକ୍ଷତି ହୋଇଥିଲା । ତେବେ ରାଜ୍ୟରେ ଥିବା ତତ୍କାଳୀନ କଂଗ୍ରେସ ସରକାର ସମସ୍ତ ବାତ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ଆକାରରେ ଖାଦ୍ୟ, ବସ୍ତ୍ର, କିରୋସିନି ଓ ପାଲ ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଯାଇଥିଲା । ମାତ୍ର ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା କେବଳ ରାଶନକାର୍ଡ଼ ହିତାଧିକାରୀଙ୍କୁ ରିଲିଫ ଚାଉଳ ଯୋଗାଇ ଦେଇଥିବା ବେଳେ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିରୋସିନ ଯୋଗାଇ ଦେବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ । ଅପରପକ୍ଷରେ ଫନୀ ପାଇଁ ସରକାରଙ୍କ ପକ୍ଷରୁ ପୂର୍ବରୁ ସତର୍କ ସୂଚନା ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଉଥିଲା । ମାତ୍ର ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ପୁରୀ ଠାରୁ କେନ୍ଦ୍ରାପଡା ଜିଲା ପର୍ଯ୍ୟନ୍ତ ସରକାରଙ୍କ ପଦକ୍ଷେପ ପ୍ରପୀଡିତଙ୍କ ପାଇଁ ଧର୍ମକୁ ଆଖିଠାର ସଦୃଶ ହୋଇଛି । ରାଶନ କାର୍ଡ ନ ଥିବା ଅନେକ ବାତ୍ୟା ବିପନ୍ନଙ୍କ ଘରେ ବିଦ୍ୟୁତ୍ ନାହିଁ, ଖାଇବାକୁ ମଧ୍ୟ ଆବଶ୍ୟକ ଖାଦ୍ୟ ସାମଗ୍ରୀ ନାହିଁ । ଭାଙ୍ଗି ଯାଇଥିବା ଘର ସଜାଡିବା ପାଇଁ ପାଲ ବି ନାହିଁ ବୋଲି ଜୟନ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ । ଏଥିସହିତ ଆଜି ଏ ନେଇ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କୁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିବା ଜୟନ୍ତ ପ୍ରକାଶ କରିଥିଲେ । ଦାବିଗୁଡିକ ମଧ୍ୟରେ ଫନୀରେ ନଷ୍ଟ ହୋଇଥିବା ବିରି, ମୁଗ ଓ ପରିବା ଫସଲର ଉପଯୁକ୍ତ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ , ଅମଳ ହୋଇଥିବା ରବି ଫସଲକୁ ସରକାରୀ ମଣ୍ଡି ଖୋଲାଯାଇ କ୍ରୟ କରାଯିବା, କ୍ଷତିଗ୍ରସ୍ତ ପାନଚାଷୀଙ୍କୁ କ୍ଷତିପୂରଣ ସହ ମତ୍ସ୍ୟ ଚାଷୀ, ଗୋରୁ, ଛେଳି ମେଣ୍ଢା ପାଳକଙ୍କ କ୍ଷୟକ୍ଷତି ଆକଳନ କରାଯାଇ ଆର୍ଥିକ ସହାୟତା ପ୍ରଦାନ , ସଂଖ୍ୟାଲଘୁଙ୍କ ରୋଜା ମାସ ପାଇଁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ଆଦି ଏହି ଦାବିପତ୍ରରେ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ମହିଳା ନେତ୍ରୀ ସଙ୍ଗୀତା ମହାନ୍ତି, ବରିଷ୍ଠ ନେତା ପ୍ରଶାନ୍ତ ଦାସ, ୧୨ ନଂ ଜୋନ୍ ଦଳୀୟ ସଭାପତି ରାଜୀବ ଲୋଚନ ପଣ୍ଡା, ୧୦ ନଂ ଜୋନ ଦଳୀୟ ସଭାପତି ଦିଲିପ କୁମାର ରାଉତ ୧୧ ନଂ ଜୋନ ଦଳୀୟ ସଭାପତି ସଂଗ୍ରାମ କେଶରୀ ପୃଷ୍ଟି, ୧୪ ନଂ ଜୋନ ଦଳୀୟ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ୧୩ନଂ ଜୋନ ଦଳୀୟ ସଭାପତି ପ୍ରମୋଦ ରାଉତ, ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ଅସୀତ୍ ରଞ୍ଜନ ସାମନ୍ତରାୟ, ରଶ୍ମିତା ମହାନ୍ତି, ସେକ୍ ମେହେବୁବ୍ ଅଲ୍ଲୀ, ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ■ବିଧାୟକଙ୍କ ପାଣ୍ଠିରୁ ନିର୍ମାଣାଧୀନ ପ୍ରକଳ୍ପ ନିମ୍ନମାନର

# ଜିଲାପାଳଙ୍କ ନିକଟରେ ପଞ୍ଚାୟତବାସୀଙ୍କ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୩।୫**


ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ମହାକାଳପଡା ବ୍ଲକ ଅନ୍ତର୍ଗତ ବଳିପାଳ ପଞ୍ଚାୟତରେ ବିଧାୟକ ପାଣ୍ଠିରେ ନିର୍ମାଣାଧୀନ ପ୍ରକଳ୍ପ ନିମ୍ନମାନର ହୋଇଛି। ପଞ୍ଚାୟତବାସୀ ଏନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ସମୀର କୁମାର ବେହେରାଙ୍କ ଅଭିଯୋଗ ଅନୁସାରେ, ଅନ୍ଧୁଲି ଛକଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପ ପାଇଁ ମହାକାଳପଡା ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଏସବୁ ପ୍ରକଳ୍ପ ମଧ୍ୟରେ ରାସ୍ତା ନିର୍ମାଣ, ଅନ୍ଧୁଲି ଦଣ୍ଡାରେ ଖେଳପଡିଆ ନିର୍ମାଣ, ୟୁଏନ୍‌ଡିପି ଦ୍ୱାରା ନିର୍ମିତ ବାତ୍ୟା ଆଶ୍ରୟ ସ୍ଥଳି ମରାମତି, ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ, ପୋଖରୀ ତୁଠ ଓ ଗାଧୁଆ ତୁଠ ନିର୍ମାଣ ଆଦି ଅନ୍ତର୍ଭୁକ୍ତ ରହିଛି। ମାତ୍ର ଏସବୁ କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ସେ କହିଥିଲେ।

ରାସ୍ତାନିର୍ମାଣର ମାତ୍ର ୧୫ ଦିନ ବିତି ନଥିବା ବେଳେ ଏହା ଫାଟିଯାଇଥିବାରୁ ଏହାର ସ୍ଥାୟୀତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଏସମ୍ପର୍କରେ ପୂର୍ବରୁ ପଞ୍ଚାୟତବାସୀ ଓ ଯୁବକ ସଂଘ ପକ୍ଷରୁ ବିଭାଗୀୟ ଉଚ୍ଚ ଅଧିକାରୀ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ସେତେବେଳେ କୌଣସି ସୁଫଳ ମିଳି ନ ଥିଲା। ପୁନର୍ବାର ପଞ୍ଚାୟତବାସୀ ମିଳିତ ହୋଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଦୀପକ ମଲ୍ଲିକ, ହରିଶ୍ଚନ୍ଦ୍ର ମଲ୍ଲିକ, ସୁଦର୍ଶନ ବେହେରା, ଅଭୟ ମଲ୍ଲିକ ଓ ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆରୋପ ପ୍ରତ୍ୟାରୋପରେ ଚାଲିଛି ପ୍ରଚାର

**କେନ୍ଦ୍ରାପଡା ଅଫିସ, ୧୩।୫**

**ପାଟକୁରା ବିଧାନସଭା ନିର୍ବାଚନ**

ରାଜ୍ୟର ୧୪୬ ବିଧାନସଭା ଓ ୨୧ ଲୋକ ସଭା ପାଇଁ ସାଧାରଣ ନିର୍ବାଚନ ସରିଛି । ଆସନ୍ତା ୧୯ରେ ହାତଗଣତି କେତୋଟି ବୁଥରେ ନିର୍ବାଚନ ହେବ । ୨୩ରେ ନିର୍ବାଚନ ଫଳାଫଳ ପାଇଁ ଭୋଟଗଣତି ହେବ । ମାତ୍ର କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ପାଇଁ ଅଦ୍ୟାବଧି ନିର୍ବାଚନ ହୋଇନାହିଁ। ଏପରିସ୍ଥିତିରେ ଏହି ଆସନ ପାଇଁ ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି। ଆଶାୟୀ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ କରିବା ସହ ପରସ୍ପର ବିରୋଧରେ ଆରୋପ,ପ୍ରତ୍ୟାରୋପ କରିଚାଲିଛନ୍ତି। ସୂଚନାଯୋଗ୍ୟ,

ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଏପ୍ରିଲ ୨୦ରେ ମୃତ୍ୟୁ ପରେ ପାଟକୁରା ନିର୍ବାଚନ ବନ୍ଦ ରହିଥିଲା । ପରେ ମେ ୧୯କୁ ନିର୍ବାଚନ ଧାର୍ଯ୍ୟ ହୋଇଥିବା ବେଳେ ନିର୍ବାଚନ କମିଶନଙ୍କ ଗତ ୬ ତାରିଖ ବିଜ୍ଞପ୍ତି ଅନୁଯାୟୀ ୨ ମାସ ଘୁଞ୍ଚିଯାଇଛି । ଫନୀ ବାତ୍ୟା ଏହାର ମୁଖ୍ୟ କାରଣ ବୋଲି ଏଥିରେ ଦର୍ଶାଯାଇଛି । ଅପରପକ୍ଷେ ଫନୀ ବାତ୍ୟାର କ୍ଷୟକ୍ଷତିକୁ ଭରଣା ପାଇଁ ଆଗକୁ ନିର୍ବାଚନ ଥିବା ସତ୍ତ୍ୱେ ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଠିଯାଇଛି । ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ନ ଥିବାରୁ ପ୍ରାର୍ଥମାନେ ସାଧାରଣ ଭୋଟରଙ୍କୁ ପ୍ରଭାବିତ କରିବାରେ ଲାଗିଛନ୍ତି । ଏପରିକି ପ୍ରଶାସନିକ ଅଧିକାରୀମାନେ ନିର୍ଦ୍ଦିଷ୍ଟ ଦଳକୁ ସୁହାଇବା ପରି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଗତ ସପ୍ତାହରେ ନହଙ୍ଗସ୍ଥିତ ପ୍ରାଥମିକ ସମବାୟ ସମିତିର ଡିଲର ପଏଣ୍ଟରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଓ ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର ଜଣେ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ବାତ୍ୟା କ୍ଷତିପୂରଣ ବାବଦ ଟଙ୍କା ଦେଉଥିବା ନେଇ ଅଭିଯୋଗ ହୋଇଥିଲା । ଏହା ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ନେଇ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ରାଜନୈତିକ ଏଜେଣ୍ଟ ସୁଧାଂଶୁ ଶେଖର ରାୟ ପାଟକୁରା ରିଟର୍ନିଂ ଅଫିସରଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ବିଜେଡି ପ୍ରାର୍ଥୀ ଅଗ୍ରୱାଲ ଖଣ୍ଡନ କରିଥିଲେ। ସେ ଏସମ୍ପର୍କରେ ପୂର୍ବରୁ ନିଜ ମତ ପ୍ରକାଶ କରି ସାରିଥିଲେ। ଏ ସମ୍ପର୍କରେ ସେ କହିଥିଲେ ଯେ,

ବାତ୍ୟା ପାଇଁ ଆସିଥିବା ସାମଗ୍ରୀ ଓ ଟଙ୍କା ପ୍ରଶାସନିକ ଅଧିକାରୀମାନେ ହିତାଧିକାରୀଙ୍କୁ ଦେଉଥିବା ବେଳେ ସେ କେବଳ ସେଠାରେ ଉପସ୍ଥିତ ଥିଲେ। ଏହା ବିରୋଧୀଙ୍କ ଏକ ଅପପ୍ରଚାର ବୋଲି ସେ ମତବ୍ୟକ୍ତ କରିଥିଲେ।

ସେହିପରି କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ଡେରାବିଶ ବ୍ଲକ ଠାକୁରହାଟରେ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ପ୍ରକୃତ ଦାବିକୁ ଅଣଦେଖା କରୁଛନ୍ତି ବୋଲି ସେ ଏହି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ନିର୍ବାଚନ କମିଶନଙ୍କ ନିର୍ବାଚନ ବିଜ୍ଞପ୍ତି କେଉଁଦିନ ଆସିବ, ସେ ନେଇ ପ୍ରାର୍ଥୀମାନେ ଅପେକ୍ଷା କରିଛନ୍ତି। ଚଳିତମାସ ୨୧ରେ ନିର୍ବାଚନ ହେବା ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଥିବା ବେଳେ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାରରେ ମଜି ଯାଇଛନ୍ତି । ପାଟକୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୫୧ ପଞ୍ଚାୟତରେ ପ୍ରାର୍ଥୀ ଓ ସମର୍ଥକମାନେ ଘର ଘର ବୁଲି ପ୍ରଚାର କରୁଛନ୍ତି। ଏହି ଆସନକୁ ଅକ୍ତିଆର କରିବା ଲାଗି ବିଜେଡିର ବହୁ ନେତା ଓ ବିଧାୟକ ଆସି ଏଠାରେ ଡେରା ଜମାଇଛନ୍ତି । ସେହିପରି ଗତ ୧୩ତାରିଖରେ ଭାଜପା ପ୍ରାର୍ଥୀ ବିଜୟଙ୍କ ସମର୍ଥକମାନେ ଜନମତ ଅଧିକାର ଯାତ୍ରା ଆରମ୍ଭ କରିଛନ୍ତି । ଏଥିରେ ସମର୍ଥକମାନେ ଦର୍ଶାଇଛନ୍ତି ଯେ, ବାତ୍ୟା ଫନୀ ଆଳରେ ଭାଜପା ପ୍ରାର୍ଥୀ ବିଜୟଙ୍କୁ ଭୟ କରି ଜିଲା ପ୍ରଶାସନର ସହାୟତାରେ ପାଟକୁରା ନିର୍ବାଚନକୁ ଘୁଞ୍ଚାଯାଇଛି । ମେ ୨୩ ଅଥବା ୨୪ରେ ନିର୍ବାଚନ ଫଳ ପ୍ରକାଶ ପରେ ଏଠାରେ ନିର୍ବାଚନ ହେଲେ ବହୁ ରାଜ୍ୟ ଓ ଜାତୀୟସ୍ତରର ନେତାଙ୍କୁ ପାଟକୁରାରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି ।



ଶ୍ରୀହରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ସଂକ୍ଷେପରେ

### ଚାଷୀଙ୍କୁ କ୍ଷତିପୂରଣ ସୁପାରିସ

ଧର୍ମଶାଳା,୧୩।୫(ଡି.ଏନ୍.ଏ.): ଧର୍ମଶାଳା ବ୍ଲକରେ ଫନୀ ପ୍ରଭାବରେ ୪୫ଟି ପଞ୍ଚାୟତର ୫୫୦ ହେକ୍ଟର ଚାଷଜମିରେ ବିଭିନ୍ନ କିସମର ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ତଦନ୍ତ କରି ରିପୋର୍ଟ କରାଯାଇଛି। ରାଜସ୍ୱ ବିଭାଗ, କୃଷି ବିଭାଗ ଓ ଉଦ୍ୟାନ ବିଭାଗ ଦ୍ୱାରା ମିଳିତ ତଦନ୍ତ କରାଯାଇ ଏହି ବ୍ଲକର ୨୯ଟି ପଞ୍ଚାୟତର ୧୦୨ଟି ମୌଜାର ୪୨୧.୯୩ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ଜିଲା ପ୍ରଶାସନକୁ ଜଣାଯାଇଛି। ଏଥି ପାଇଁ ୫୬ଲକ୍ଷ ୧୬ ହଜାର ୭୨୫ଟଙ୍କା କ୍ଷତି ପୂରଣ ଦେବା ପାଇଁ ଦର୍ଶାଯାଇଛି। ଅଣଜଳ ସେଚିତ ଜମିପାଇଁ ହେକ୍ଟର ପିଛା ୬ ହଜାର ୮୦୦, ଜଳ ସେଚିତ ଜମିପାଇଁ ୧୩ହଜାର ୫୦୦, ପନିପରିବା ଚାଷ ପାଇଁ ୧୮ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯିବା ପାଇଁ ସରକାର ଘୋଷଣା କରିଛନ୍ତି। ଧର୍ମଶାଳା ବ୍ଲକରେ ୨୩.୫ ହେକ୍ଟର ଅଣ ଜଳସେଚିତ ଜମି, ୩୮୯.୪୩ହେକ୍ଟର ଜଳ ସେଚିତ ଜମି, ୧୦ ହେକ୍ଟର ପନିପରିବା ଚାଷ ଜମି ନଷ୍ଟ ହୋଇଥିବା ଦର୍ଶାଯାଇଛି। ପାଟପୁର ପଞ୍ଚାୟତରେ ସର୍ବାଧିକ ୧୨ଟି ମୌଜାରେ ୮୨.୮୭ ହେକ୍ଟର ଜାଷଜମି ନଷ୍ଟ ହୋଇଥିଲା ବେଳେ କଣ୍ଟିଗାଡ଼ିଆ ପଞ୍ଚାୟତରେ ସର୍ବନିମ୍ନ ୧ ହେକ୍ଟର ଜଳସେଚିତ ଜମି ନଷ୍ଟ ହୋଇଛି। ଏହି ତଦନ୍ତ ପ୍ରକ୍ରୀୟାରେ କୃଷି ବିଭାଗ ପକ୍ଷରୁ ଗ୍ରାମସେବକ, ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଓ ଉଦ୍ୟାନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଯାଜପୁର ଜିଲାପାଳ କ୍ଷୟକ୍ଷତି ବର୍ଣ୍ଣନା କରିବା ପାଇଁ ସୁପାରିସ କରାଯାଇଥିବା ବୋଲି ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଧର୍ମଶାଳା ଅତିରିକ୍ତ କୃଷି ଅଧିକାରୀ ପଲ୍ଲବୀ ନାୟକ ସୂଚନା ଦେଇଛନ୍ତି।

### ଦମ୍ପତିଙ୍କ ଅସ୍ୱାଭାବିକ ମୃତ୍ୟୁ

କପ୍ତିପଦା,୧୩।୫(ଡ଼ି.ଏନ୍.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ କାଶୀଝରଣ ଗ୍ରାମରେ ଦମ୍ପତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଦମ୍ପତି ମନଷା ହେମ୍ବ୍ରମ୍(୨୬) ଓ ତାଙ୍କ ସ୍ତ୍ରୀ ସାମା(୨୪)। ରବିବାର ବିଳମ୍ବିତ ରାତିରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକେ ଆଣି ଶରତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତରଙ୍କ ଅନୁପସ୍ଥିତିରେ ମେଡିକାଲ କର୍ମଚାରୀ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନ ଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦମ୍ପତିଙ୍କ ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ଗତ କିଛି ଦିନ ଧରି ଉଭୟଙ୍କୁ ଜ୍ୱର ହେଉଥିବା ପରିବାର ଲୋକଙ୍କ ଠାରୁ ପ୍ରକାଶ। ପୋଲିସ ଉପସ୍ଥିତିରେ ସେମାନଙ୍କ ପରିବାର ଲୋକ ମୃତଦେହ ବ୍ୟବଚ୍ଛେଦ ନ କରି ଘରକୁ ନେଇ ଯାଇଥିବାର ଜଣାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ନ କରି ମୃତଦେହ ଛାଡି ଦେଇ ଥିବାରୁ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଶରତ ଥାନାଧିକାରିଣୀ ରୀନା ବକ୍ସଲଙ୍କୁ ପଚାରିବାରୁ ମୃତ ଦମ୍ପତିଙ୍କ ପରିବାର ଲୋକ ବ୍ୟବଚ୍ଛେଦ କରିବାକୁ ଚାହୁଁ ନ ଥିବାରୁ ସେମାନଙ୍କ ଲିଖିତ ପ୍ରତିଶ୍ରୁତି ପରେ ମୃତଦେହ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି।

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

ତିହିଡ଼ି, ୧୩।୫ (ଡି.ଏନ.ଏ.) - ସ୍ତ୍ରୀଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ଅଭିଯୋଗରେ ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମର ସୁଜିତ୍ କୁମାର ଦାସଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୨୦୨/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମୁକୁନ୍ଦପୁର ପଞ୍ଚାୟତ ଅଧୀନ କଞ୍ଚନପୁର ଗ୍ରାମର ପଦ୍ମନାଭ ଦାସଙ୍କ ଝିଅ ରମାମଣି ୨୦୦୩ରେ କାଳିମେଘା ଗ୍ରାମର ସୁଜିତ୍‌ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ରମାମଣିଙ୍କୁ ନିର୍ଯାତନା ଦେଉଥିଲେ। ୨୦୧୨ରେ ଏହି ଘଟଣାର ଆପୋଷ ସମାଧାନ କରାଯାଇଥିଲା। ମାତ୍ର ପୁଣି ନିର୍ଯାତନା ଦିଆଯିବାରୁ ରମାମଣି ଥାନାର ଦ୍ୱାରସ୍ଥ ହୋଇ ଏନେଇ ଅଭିଯୋଗ କରିଥିଲେ।

## ୧୪୮ ନଂ. ବୁଥ୍‌ରେ ପୁନଃ ଭୋଟଗ୍ରହଣ

# ଭୋଟରଙ୍କ ସଚେତନତା ଯୋଗୁ ସାନି ମତଦାନ

- ବୁଥ୍ ଜବରଦଖଲ ନେଇ ହୋଇଥିଲା ଅଭିଯୋଗ
- ଭୋଟର ସଚେତନତା ପୁନଃ ମତଦାନର ବାଟ ଫିଟାଇଲା
- ଦଳୀୟ ପ୍ରାର୍ଥୀଙ୍କ ମଧରେ ଛନକା

ରସୁଲପୁର,୧୩।୫(ଡିଏନଏ)

ରସୁଲପୁର ବ୍ଲକ ଅଧୀନରେ ୩ଟି ନିର୍ବାଚନମଣ୍ଡଳୀ ରହିଛି। ଏହି ବ୍ଲକର ୨୮ଟି ପଞ୍ଚାୟତ ବରୀ, ଧର୍ମଶାଳା ଓ କୋରେଇ ଭଳି ୩ଟି ନିର୍ବାଚନମଣ୍ଡଳୀରେ ଭାଗ ହୋଇ ରହିଛି। ଏସବୁ ନିର୍ବାଚନମଣ୍ଡଳୀରେ ଏପ୍ରିଲ ୨୯ରେ ଭୋଟଗ୍ରହଣ ହୋଇଥିଲା। ଭୋଟ ଗ୍ରହଣ ଦିନ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ୧୪୮ନଂ ବୁଥ୍ ଜବରଦଖଲ ହୋଇଥିଲା। ଏହାକୁ ପ୍ରଥମେ ଭୋଟର ବିରୋଧ କରିଥିଲେ। ଏହା ପରେ ବିରୋଧୀ ଓ ଭୋଟରଙ୍କ ପକ୍ଷରୁ ଜିଲା ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକ, ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ନିର୍ବାଚନ କମିଶନ ପକ୍ଷରୁ ଉକ୍ତ ବୁଥ୍‌ରେ ପୁନଃ ଭୋଟଗ୍ରହଣ ପାଇଁ ନିର୍ଦ୍ଦେଶ ହୋଇଛି। ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଗତ ୧୦ରେ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୧୯ ତାରିଖରେ ଭୋଟଗ୍ରହଣ କରାଯିବା ନେଇ ଦିନ ଧାର୍ଯ୍ୟ କରାଯାଇଛି। ଉକ୍ତ ଘଟଣାକ୍ରମକୁ ଅନୁଧ୍ୟାନ କଲେ ଭୋଟରଙ୍କ ସଚେତନତା ଯୋଗୁ ଏଠାରେ ପୁନଃ ମତଦାନ ହେବାକୁ ଯାଉଛି। ଯାହାକି ରାଜନୈତିକ ଦଳ ପାଇଁ ସତର୍କତା ଓ ଗଣତନ୍ତ୍ର ପାଇଁ ଶୁଭ ସଂକେତର ସୂଚନା ଦେଇଛି।

ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗାଁର ୫ଟି ୱାର୍ଡକୁ ନେଇ ୧୪୮ନଂ ବୁଥ୍ ଗଠିତ। ଏହି ବୁଥ୍‌ର ମୋଟ ଭୋଟର ସଂଖ୍ୟା ୧୨୬୫। ପୁରୁଷ ଭୋଟର ସଂଖ୍ୟା ୬୬୨ ଓ ମହିଳାଙ୍କ ସଂଖ୍ୟା ୬୦୩ ବୋଲି ଜଣାପଡିଛି। ଏଠାକାର ଜନସାଧାରଣ ସ୍ୱାଧୀନ ଚିନ୍ତାଧାରର ବୋଲି ଚଳିତ ନିର୍ବାଚନରୁ ପ୍ରମାଣ ମିଳିଛି। ଯାହାର ପ୍ରତିଫଳନ ଚଳିତ ସାଧାରଣ ନିର୍ବଚାନ ଭୋଟ ଗ୍ରହଣ ବୁଥ୍‌ରେ ପ୍ରକାଶିତ ହୋଇଛି। ବିରୋଧୀ ଦଳର ବିରୋଧ ପାଇଁ ଯେତିକି ନୁହେଁ, ବରଂ ସାଧାରଣ ଭୋଟରଙ୍କ ସଚେତନତା ଯୋଗୁ ଉକ୍ତ କେନ୍ଦ୍ରରେ ଆଉଥରେ ଭୋଟ ଗ୍ରହଣ ହେବାକୁ ବାଟ ଫିଟିଛି। ଏହି ଗାଁର ସଚେତନ ଭୋଟରଙ୍କ ଦୃଢ ମନୋବଳ ଗଣତନ୍ତ୍ରକୁ ସୁଦୃଢ କରିବାରେ ସହାୟକ ହେବବୋଲି ଆଲୋଚନା ହେଉଛି। ପୁନଃ ଭୋଟ ଗ୍ରହଣ ରାଜନୈତିକ ଦଳ ଓ ନେତାଙ୍କ ଏକଚାଟିଆ ପଣିଆରେ ରୋକ ଲଗାଇବାରେ ସମ୍ଭାବନା ସୃଷ୍ଟି କରିପାରିବ। ଏଥିସହ ଅନେକ ସଚେତନ ଭୋଟରଙ୍କ ମନକୁ ନିଶ୍ଚିତ ଆନ୍ଦୋଳିତ କରିବା ଭଳି ବହୁ ସୁସଂକେତ ପ୍ରଦାନ କରୁଛି। ଏହି ବୁଥ୍‌ରେ ରି-ପୋଲିଂ (ପୁନଃ ଭୋଟଗ୍ରହଣ) ପାଇଁ ଭୋଟରଙ୍କ ମନରେ ଖୁସି ଦେଖାଦେଇଛି। ମାତ୍ର ରାଜନୈତିକ ଦଳ, ନେତା ଓ କର୍ମୀଙ୍କ ଭିତରେ ଛନକା ପଶିଛି। ଫଳରେ ଏବେଠାରୁ ନେତାମାନେ ନିଜ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ କସରତ ଆରମ୍ଭ କଲେଣି। ସବୁ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଏହି ବୁଥ୍ ଅଧୀନ ଭୋଟରଙ୍କ ଘର ଘର ବୁଲି ଭୋଟ ପ୍ରଚାରରେ ଲାଗିପଡ଼ିଲେଣି। କିନ୍ତୁ ଭୋଟର ସ୍ଥିର ନିଶ୍ଚିତ ଭଳି ମନେ ହେଉଛନ୍ତି। ଏ ଦିଗରେ ପ୍ରଶାସନିକ ଅଧିକାରୀ ଅଧିକ ତତ୍ପର ହୋଇଉଠିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଅଣକଂଗ୍ରେସ ଗଡର ବୁଥ୍ ଅଧୀନ ୱାର୍ଡ ମଧ୍ୟରୁ ୩ଟି ୱାର୍ଡରେ ଭାଜପା ନିଜର ପ୍ରଭାବ ଦେଖାଇଥିଲା। ଏଥିରେ ବିଜେଡି ନେତା ଓ କର୍ମୀ ବିଚଳିତ ହୋଇପଡିଥିଲେ। ନିଜ ସପକ୍ଷରେ ଭୋଟ ନେବା ପାଇଁ ସବୁ ଦଳ ପକ୍ଷରୁ ପ୍ରୟାସ କରାଯାଇଥିଲା। ଏହି ବୁଥ୍‌କୁ ନେଇ ବିଭିନ୍ନ ଦଳ ପକ୍ଷରୁ ନିର୍ବଚାନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଫଳରେ ଏହାକୁ ଏକ ଅତି ସମ୍ବେଦନଶୀଳ ବୁଥ୍ ଭାବେ ବିବେଚନା କରାଯାଇଥିଲା। ସେହି ମୁତାବକ ବୁଥ୍‌ରେ ଭୋଟଗ୍ରହଣ ଦିନ ୱେବ କ୍ୟାମେରା ସଂଯୋଗ କରାଯାଇ ଥିଲା। ଉକ୍ତ ବୁଥ୍‌ର ଭୋଟ ଗ୍ରହଣ ପ୍ରକ୍ରିୟା ଜିଲା କଂଟ୍ରୋଲ ରୁମ୍‌ରେ ପ୍ରଦର୍ଶିତ ହେବାର ଥିଲା। ମାତ୍ର ସେଦିନ ସେଭଳି କିଛି ହୋଇ ନ ଥିଲା। ବିଜେଡିର କେତେଜଣ ଛାମୁଆ କର୍ମୀ ନିଜ ଦଳ ସପକ୍ଷରେ ଭୋଟ ନେବା ପାଇଁ ବୁଥ୍ ଜବରଦଖଲ କରିବା ଉଦ୍ଦେଶ୍ୟରେ ୱେବ କ୍ୟାମେରା ସଂଯୋଗକୁ ବିଚ୍ଛିନ୍ନ କରିଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ବୁଥ୍‌ର କାର୍ଯ୍ୟକଳାପ ରିକେଡିଂ ହୋଇପାରି ନ ଥିଲା। ବିଜେଡି ସମର୍ଥକଙ୍କ ବୁଥ୍ ଭିତରେ ବେଆଇନ କାର୍ଯ୍ୟକୁ ଭୋଟରମାନେ ବିରୋଧ କରିଥିଲେ। ଏହାପରେ ଭାଜପା ଓ ବିଜେଡି ମଧ୍ୟରେ ଗଣ୍ଡଗୋଳ ବି ଉପୁଜିଥିଲା। ଏ ନେଇ ଥାନାରେ ଦୁଇଟି ମାମଲା ମଧ ରୁଜୁ ହୋଇଥିଲା। ମାତ୍ର ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ପୂର୍ଣ୍ଣ ସଜାଗ ରହିଛି। ଭୋଟ ଗ୍ରହଣ ଦିନ ଅଧିକ ପୋଲିସ ଫୋର୍ସ ମୁତୟନ ହେବା ସହ ବୁଥ୍‌ରେ ନିୟମ ମୁତାବକ ସବୁ ବୈଷୟିକ ଜ୍ଞାନକୌଶଳକୁ କଡ଼ାକଡି ଭାବେ ପାଳନ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଆମ ପୋଲିସ ବୈଠକ

**କାଳିଆପାଣି,୧୩।୫(ଡି.ଏନ୍.ଏ.):** କାଳିଆପାଣି ଥାନା ଆମ ପୋଲିସ ପକ୍ଷରୁ ସୋମବାର ଅପରାହ୍ନରେ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମ ପୋଲିସ ସଦସ୍ୟ ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ଓ ନିରପେକ୍ଷ ନିର୍ବାଚନ ଦିଗରେ ଆମ ପୋଲିସ ଓ ଖବରଦାତାଙ୍କ ସହଯୋଗକୁ ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଧନ୍ୟବାଦ ଦେଇଥିଲେ। ଆମ ପୋଲିସ ଆବାହକ ଥାନା ଏଏସ୍‌ଆଇ ବିଜୟ କୁମାର ସାହୁ ପୂର୍ବ ବୈଠକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବୈଠକରେ ସମସ୍ତ ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଦୁର୍ଘଟଣା ଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ଏକ ଆମ୍ବୁଲାନ୍ସ ଥାନାରେ ରଖିବାକୁ ପ୍ରସ୍ତବ ଦେଇଥିଲେ। ସେହିପରି ଖଣି କ୍ରୋମିୟମ ମିଶା ପାଣି ପିଇ ବହୁ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ବିଭିନ୍ନ ଗ୍ରାମରୁ ପାନୀୟ ଜଳ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ଥାନା ଅଧୀନରେ ଥିବା ୫ଟି ପଞ୍ଚାୟତର ମାଟ୍ରିକ ଟପ୍ପରଙ୍କୁ ସମ୍ମାନିତ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଆମ ପୋଲିସ ସଦସ୍ୟ ବିକାଶ ନାୟକ, ସ୍ନେହଲତା ପଲେଇ, ମିନତି ଲହାର, କାର୍ତ୍ତିକ ମହାନ୍ତ, ନୀଳକଣ୍ଠ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ମୋରମ ଖୋଳିନେବା ଘଟଣା

# ରିପୋର୍ଟ ମାଗିଲେ ଅତିରିକ୍ତ ତହସିଲଦାର

ସୁକିନ୍ଦା,୧୩।୫(ଡି.ଏନ୍.ଏ.)

ସୁକିନ୍ଦା ତହସିଲ ଅଧୀନ କୁହିକା ପଞ୍ଚାୟତର ମୂଳଖମ୍ଭ ଗ୍ରାମରେ ନିର୍ମାଣାଧୀନ ରାସ୍ତାରେ ବେଆଇନଭାବେ ମୋରମ ବ୍ୟବହାର ଘଟଣାରେ ସୋମବାର ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କୁ ଭେଟି ଲିଖିତଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ କାଙ୍କଡ଼ପାଳ ସର୍କଲ ଆରଆଇଙ୍କୁ ଅତିରିକ୍ତ ତହସିଲଦାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ମୂଳଖମ୍ଭ ଗ୍ରାମରେ ଆର୍ ଆଣ୍ଡବି ରାସ୍ତାଠାରୁ ମୂଳଖମ୍ଭ ଗ୍ରାମର ୧ କିମି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନିର୍ମାଣ କରାଯାଉଛି। ୬୪ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ରାସ୍ତା କଳ୍ପତରୁ ସାହୁ ନାମକ ଠିକାଦାରଙ୍କୁ ଟେଣ୍ଡର ପ୍ରଦାନ କରାଯାଇଛି। ହେଲେ ଠିକାଦାର ଗ୍ରାମବାସୀ ନିର୍ଭର କରୁଥିବା ମଶାଣି ପୋଖରୀରୁ ଏକାଧିକ ଟ୍ରିପ୍ ମୋରମ ଜେସିବି ସାହାଯ୍ୟରେ ଉଠାଇ ନେଉଛନ୍ତି। ଏଥିସହ ରାସ୍ତା କାମ ନିମ୍ନମାନର କରିଥିବା ଅଭିଯୋଗ କରିଥିଲେ। ଶନିବାର ଗ୍ରାମର ପ୍ରଦୀପ କୁମାର ପାତ୍ର, ଜିତେନ୍ଦ୍ର କୁମାର ମହାନ୍ତ, ବିଶ୍ୱନାଥ ପାତ୍ର, ଚରଣ ପାତ୍ର, ଅନିଲ କୁମାର ପାତ୍ର, କେଦାରସନ ପାତ୍ର ପ୍ରମୁଖଙ୍କ ସମେତ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଠିକାଦାର ପୁନର୍ବାର ରାସ୍ତା କାମରେ ଅନିୟମିତତା କଲେ ଆଗାମୀ ଦିନରେ ଠିକାଦାରଙ୍କ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଫନୀ ଦୁର୍ଗତଙ୍କୁ ସହାୟତା କରିବ ଆଜାଦ ଠେଙ୍ଗା ବାହିନୀ



ଫନୀ ଦୁର୍ଗତଙ୍କୁ ସହାୟତା କରିବା ପାଇଁ ପ୍ରସ୍ତୁତ ଥିବା ଠେଙ୍ଗା ବାହିନୀ ସଦସ୍ୟ।

ଯାଜପୁରରୋଡ,୧୩।୫(ନି.ପ୍ର.)

ସାରା ଓଡିଶାରୁ ଯାଜପୁରରେରୋଡଠାରେ ସମବେତ ଆଜାଦୀ ଠେଙ୍ଗାବାହିନୀର କ୍ରାନ୍ତିକାରୀ କର୍ମୀ ମେ ୧୫ରୁ ବାତ୍ୟା ବିପନ୍ନ ଉପକୂଳ ଓଡ଼ିଶାର ପଥପ୍ରାନ୍ତରେ ସହାୟତା ଅଭିଯାନ ଆରମ୍ଭ କରିବେ। ଏଥିପାଇଁ ସୋମବାର ବାହିନୀ ପକ୍ଷରୁ ଏକ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଓଡିଶାର ଉପଦ୍ରୁତ ଉପକୂଳବର୍ତ୍ତୀ ଅଞ୍ଚଳର ଧ୍ୱସ୍ତବିଧ୍ୱସ୍ତ ପଥପ୍ରାନ୍ତରେ ଶପଥବଦ୍ଧ ଠେଙ୍ଗାବାହିନୀ ବୁଲି ସହାୟତା କରିବେବୋଲି ଶ୍ରମିକ ନେତା ମାୟାଧର ନାୟକ ସୂଚନା ଦେଇଛନ୍ତି। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ତଥା ଚୁଡା, ଚିନି, ଅମୂଲ, ବିସ୍କୁଟ ସମେତ ମହମବତୀ, ଦିଆସିଲି, ମଶାଧୂପ, ସାବୁନ୍, ଶାଢୀ ଓ ଲୁଙ୍ଗି ଇତ୍ୟାଦି ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

### ଫନୀ ପ୍ରଭାବିତଙ୍କୁ ମିଳିପାରୁନି ପଲିଥିନ୍

ସୁକିନ୍ଦା,୧୩।୫(ଡି.ଏନ୍.ଏ.)

ସୁକିନ୍ଦା ତହସିଲ ଅଧୀନ ବିଭିନ୍ନ ଗ୍ରାମଗୁଡିକରେ ଫନୀ ପ୍ରଭାବରେ ବହୁ ଲୋକଙ୍କ ଚାଳଛପର ଭାଙ୍ଗିଯାଇଛି। ଏ ଦିଗରେ କେତେକ ଅଞ୍ଚଳରେ ବିଭାଗୀୟ ଅଧିକାରୀ ସର୍ଭେ କରି ତହସିଲ କାର୍ଯ୍ୟାଳୟରେ ତଥ୍ୟ ପ୍ରଦାନ କରିସାରିଥିବା ଜଣାପଡିଛି। ହେଲେ ଫନୀ ପ୍ରଭାବିତ ମଙ୍ଗଳପୁର, କୁହିକା, ମୂଳଖମ୍ଭ, ଗନ୍ଧାପାଳ, ସୁକିନ୍ଦା ଗଡ଼ମଧପୁର ୱାର୍ଡନଂ ୫ ଦଳିତ ସାହିରେ ପଲିଥିନ୍ ମିଳି ପାରି ନାହିଁ। ସେହିପରି ସିଙ୍ଗାଡିଆ, କବାଟ, ବର୍ତ୍ତଣିଡା ସହ ଉକ୍ତ ତହସିଲ ଅଧୀନ ଶ୍ରିରାମପୁର ଗ୍ରାମବାସୀ ତହସିଲ କାର୍ଯାଳୟରେ ଦର୍ଶାଇଛନ୍ତି। ଶ୍ରିରାମପୁରର ଲଛମନ ପିଙ୍ଗୁଆଙ୍କର ୨ ବଖରା ଏବଂ ଦାମୋଦର ଗୁଣ୍ଡିଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ମଧ ପଲିଥିନ ପାଇପାରି ନ ଥିବା ଅଭିଯୋଗ କରିଛନ୍ତି। ସୁକିନ୍ଦାଗଡ଼ର ୱାର୍ଡ ନଂ ୫ର ଟିକି ନାୟକ, ବାସନ୍ତି ନାୟକ, କବିତା ନାୟକ, ଛବି ନାୟକ, କନକ ନାୟକ, କବିତା ନାୟକ, ରାମ ନାୟକ ପ୍ରମୁଖଙ୍କ ଘର ଭାଙ୍ଗିଥିଲେ ମଧ କୌଣସି ସହାୟତା ମଳିପାରି ନ ଥିବା କହିଛନ୍ତି। ଅପରପକ୍ଷେ ବାତ୍ୟାରେ ଏକ କୋଠା ଘର ଛାତ ଭୁସୁଡି ପଡିବାରୁ ଦିନବନ୍ଧୁ ନାଏକଙ୍କ ପୁଅ ସତ୍ୟ ନାଏକ, ତଫାନ ନାଏକଙ୍କ ପୁଅ ସନୁଙ୍କ ମୁଣ୍ଡ ଫାଟିଯାଇଥିଲା। ଏହିପରି ରବି ନାଏକଙ୍କ ପୁଅ ଜଗା ଓ ବିଳାଶ ନାଏକଙ୍କ ଗୁରୁତର ହୋଇ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ମିଳି ନ ଥିବା ପରିବାର ବର୍ଗ ପ୍ରକାଶ କରିଛନ୍ତି। ସୁକିନ୍ଦା ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ଆସିଥିବା ପଲିଥିନ ସରିଯାଇଛି। ଆଉ ୫ ଦିନ ମଧରେ ପୁଣି ପଲିଥିନ୍ ଆସିଲେ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଫନୀ ପ୍ରଭାବିତ ଅଞ୍ଚଳରେ ଭିସା କର୍ମଚାରୀ

# ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଉଦ୍ୟମ



କାର୍ଯ୍ୟରେ ନିୟୋଜିତ ଭିସା କର୍ମଚାରୀ।

ଯାଜପୁର ଅଫିସ,୧୩।୫

ଫନୀର ତାଣ୍ଡବ ଓଡିଶାର ଉପକୂଳବର୍ତ୍ତି ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏହି ସାମୁଦ୍ରିକ ତୋଫାନର ଅଭୂତପୂର୍ବ ପ୍ରଳୟରେ ପୁରୀ, ଭୁବନେଶ୍ୱର, କଟକରେ ଅନେକ କ୍ଷତି ହୋଇଛି। ବିଶେଷକରି ବିଦ୍ୟୁତ ବିଭାଗର ଖୁଣ୍ଟି ଟ୍ରାନଫର୍ମର ଏବଂ ତାରଗୁଡିକ ଭାଙ୍ଗି ପଡିଥିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଫନୀ ଚାଲିଯିବାର ୧୦ ଦିନ ପରେ ମଧ ଅନେକ ଅଞ୍ଚଳରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରି ନାହିଁ। ଏଥିପାଇଁ କଳିଙ୍ଗନଗର ଭିସା ଷ୍ଟିଲ କାରଖାନାର ବୈଷୟିକ ବିଦ୍ୟୁତ କର୍ମଚାରୀ ଗତ ୧୦ରୁ କଟକ ଜିଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି। କାରଖାନାର ବଛାବଛା ୧୧ଜଣ କୁଶଳୀ କର୍ମଚାରୀ ଆବଶ୍ୟକ ଯନ୍ତ୍ରାଂଶ ସହିତ ଚୌଦ୍ୱାର ବିଦ୍ୟୁତ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ ଅଛନ୍ତି। ଏହି କୁଶଳୀ କାରିଗର ଦଳଙ୍କୁ ଭିସାଷ୍ଟିଲ ନିର୍ଦ୍ଦେଶକ ମନୋଜ କୁମାର ପ୍ରୋତ୍ସାହନ ଦେବା ସହିତ କାର୍ଯ୍ୟ ସାରି ଫେରିବାକୁ ପରାମର୍ଶ ଦେଇଛନ୍ତି।

### ବୃନ୍ଦେଶ୍ୱର ମହାଦେବଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ଜେନାପୁର,୧୩।୫(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଈପୁର ପଞ୍ଚାୟତ ଅଧୀନସ୍ଥ ବୃନ୍ଦାଦେଈପୁର ଗ୍ରାମରେ ବୃନ୍ଦେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଆରମ୍ଭ ହୋଇଛି। ଅପରାହ୍ନରେ ଶ୍ରଦ୍ଧାଳୁମାନେ ନିକଟସ୍ଥ ବ୍ରହ୍ମଣୀ ନଦୀରେ ପବିତ୍ର କଳସ ବୁଡାଇ ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚି ଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଅଙ୍କୁରା ରୋପଣ ମଣ୍ଡଳଧୀବାସ, ୨ୟ ଜଳଯାତ୍ରା ଅଗ୍ନି ସ୍ଥାପନ, ଯଜ୍ଞ କର୍ମ ଅବିଗ୍ରହମାନଙ୍କ ଗର୍ଭାଧାନ କରାଯିବ। ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କର୍ମ ଓ ବିଗ୍ରହଙ୍କ ମହାସ୍ନାନ ଶୟନ, ମଙ୍ଗଳବାର ବିଗ୍ରହ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ମନ୍ଦିର ପ୍ରବେଶ, ନବଯୌବନ ଦର୍ଶନ ଓ ପୂର୍ଣ୍ଣାହୁତି କର୍ଯ୍ୟକ୍ରମ କରାଯିବ। ଏଥିସହ ପ୍ରତିଦିନ ସକାଳେ ସୂର୍ଯ୍ୟ ପୂଜା, ଗୋପୂଜା ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆଦି ସଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

# ରେସର ବାଇକ୍ ଧକ୍କାରେ ୨ ଗୁରୁତର

ରସୁଲପୁର,୧୩।୫(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଏକ ରେସର ବାଇକ ଧକ୍କାରେ ରୋଷେୟା ବଟକୃଷ୍ଣ ମିଶ୍ର(୬୫) ଓ ବ୍ରଜକିଶୋର ପରିଡା(୨୭) ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡିଛି।

ପ୍ରକାଶ ଯେ, ହାଇଦ୍ରାବାଦରୁ ଜୟନ୍ତ କୁମାର(୨୭) ଏକ ରେସର ବାଇକ୍ (ଟିଏସ୦୮ ଏଫଡି୬୧୩୯)ରେ ହାଇଦ୍ରାବାଦରୁ ପଶ୍ଚିମବଙ୍ଗ ରାଜ୍ୟର ସିଲିଗୁଡି ଅଭିମୁଖେ ଯାଉଥିଲେ। ଅନ୍ୟଏକ ବାଇକ୍ (ଓଡି୦୪ବି୩୮୨୯)ରେ କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ଗ୍ରାମର ବ୍ରଜକିଶୋର ଓ ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ଗ୍ରାମର ବଟକୃଷ୍ଣ କୁଣ୍ଡପଟଣା ଗ୍ରାମକୁ ରୋଷେଇ କରିବାକୁ ଯାଉଥିଲେ। ଏହି ଛକ ନିକଟରେ ରୋଷେୟା ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ରେସର ବାଇକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରୋଷୟାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ରେସର ବାଇକ ଚାଳକ ସୁରକ୍ଷା ପୋଷାକ ପିନ୍ଧିଥିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବାଇକକୁ ଜବତ କରିଛି। ରେସର ବାଇକ୍ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି।

# ପୁନଃ ମତଦାନ ନେଇ ବଢୁଛି ଉତ୍କଣ୍ଠା

**ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ**

- ବୁଥ୍‌ରେ ଅନିୟମିତତାର ପ୍ରମାଣ ମିଳିବା ପରେ ରିପୋଲିଂ ନିର୍ଦ୍ଦେଶ
- ସର୍ବାଧିକ ଭୋଟ ସଂଗ୍ରହ ପାଇଁ ଦଳୀୟ ନେତା, କର୍ମୀଙ୍କ ଉଦ୍ୟମ

ବିଞ୍ଝାରପୁର,୧୩।୫(ଡି.ଏନ.ଏ)

ରାଜ୍ୟରେ ହୋଇଥିବା ୪ର୍ଥ ପର୍ଯ୍ୟାୟ ମତଦାନ ଗତ ୨୯ରେ ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ବି ଏହି ମତଦାନ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀର ମୋଟ ୨୩୭ଟି ବୁଥରେ ମତଦାନ ହୋଇଥିବାବେଳେ ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ଏହି ନିର୍ବାଚନ ମଣ୍ଡଳୀରେ ଅତି କମ୍‌ରେ ୧୦ଟି ବୁଥରେ ଅନୀୟମିତତା ହୋଇଥିବା ଦାବି କରି ପୁନଃମତଦାନ ଦାବି କରିଥିଲେ। ନିର୍ବାଚନ କମିଶନ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ୨ଟି ବୁଥରେ ରି-ପୋଲିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଭାଜପା ପ୍ରାର୍ଥିନୀ ରି-ପୋଲିଂ ପାଇଁ ଦାବି କରିଥିବା ବୁଥ ମଧ୍ୟରେ ଏହି ଦୁଇଟି ବୁଥ ନ ଥିବା ଚର୍ଚ୍ଚା ହେଉଛି। ତେବେ ଏହି ୨ଟି ବୁଥରେ ବ୍ୟାପକ ଅନୀୟମିତତା ହୋଇଥିବା ପ୍ରମାଣ ମିଳିବା ପରେ ନିର୍ବାଚନ କମିଶନ ରି-ପୋଲିଂ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୯ରେ ହୋଇଥିବା ମତଦାନ ସମୟରେ କଲ୍ୟାଣପୁରସ୍ଥିତ ବୁଥ ନଂ ୧୩୫ କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରିଜାଇଡିଂ ଅଫିସର ଧିରେନ୍ଦ୍ର ତ୍ରିପାଠୀ ମତଦାତାଙ୍କୁ ପ୍ରଭାବିତ କରିଥିବା ଅଭିଯୋଗରେ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ନିର୍ବାଚନ କମିଶନ ସେଠାରେ ସାନି ମତଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୁଥରେ ମୋଟ ୧୨୫୮ ମତଦାତା ଥିବାବେଳେ ନିର୍ବାଚନ ଦିନ ୯୨୫ଜଣ ମତଦାନ କରିଥିଲେ। ହେଲେ ପ୍ରିଜାଇଡିଂ ଅଫିସରଙ୍କ ଅନୀୟମିତତା ଯୋଗୁ ସେଠାରେ ସାନି ମତଦାନ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବବୋଲି ଜଣାପଡ଼ିଛି। ସେହିପରି ଏହି ନିର୍ବାଚନ ମଣ୍ଡଳୀର ଥାଲକୁଡି ପ୍ରାଥମିକ ବିଦ୍ୟାଳୟରେ ବୁଥ ନଂ. ୧୯୧ରେ ମଧ ବ୍ୟାପକ ଅନୀୟମିତତା ପରିଲକ୍ଷିତ ହୋଇଥିଲା। ଏହି ବୁଥରେ ପ୍ରିଜାଇଡିଂ ଅଫିସର ବୈକୁଣ୍ଠ ମଲ୍ଲିକ ମତଦାତାଙ୍କୁ ପ୍ରଭାବିତ କରିବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ଜିଲାପାଳ ତାଙ୍କୁ ନିଲମ୍ବନ ସହ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ବୁଥରେ ହୋଇଥିବା ନିର୍ବାଚନରେ ମୋଟ ୯୩୮ ମତଦାତାଙ୍କ ମଧ୍ୟରୁ ୬୧୮ ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ତେବେ ଉଭୟ ଦୁଇ ବୁଥରେ ହେବାକୁ ଥିବା ସାନି ମତଦାନ ଯୋଗୁ ବିଞ୍ଝାରପୁର ଅଞ୍ଚଳରେ ରାଜନୈତିକ ତାତି ଦେଖିବାକୁ ମିଳିଛି। ବିଶେଷ କରି ଭାଜପା ଓ ବିଜେଡି ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ବିଧାୟିକା ପ୍ରମିଳା ମଲ୍ଲିକ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ବବିତା ମଲ୍ଲିକ ଏବେ ଏହି ଦୁଇ ବୁଥରେ ଥିବା ମତଦାତାଙ୍କ ଘରେ ଘରେ ପହଞ୍ଚି ସେମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ କଡା ମୁକାବିଲା ହୋଇଥିବାବେଳେ ଏହି ଦୁଇ ବୁଥରେ ସର୍ବାଧିକ ଭୋଟ ସଂଗ୍ରହ ପାଇଁ ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ ଏବଂ ସମର୍ଥକ ପ୍ରାଣମୁର୍ଚ୍ଛା ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରଶାସନ ମଧ ଉଭୟ ବୁଥ ପ୍ରତି ସ୍ୱତନ୍ତ୍ର ନଜର ଦେଇଥିବା ଦେଖିବାକୁ ମିଳିଛି।

# ବିଦ୍ୟୁତ୍ ନାହିଁ, କାମରେ ଆସୁନି ସୌର ପ୍ରକଳ୍ପ

(ପ୍ରମୋଦ କୁମାର ନାୟକ)
ଜଗତ୍‌ସିଂହପୁର ଅଫିସ, ୧୩।୫

ବିଦ୍ୟୁତର ଆବଶ୍ୟକତାକୁ ଦେଖି ଉତ୍ପାଦନ ଚିନ୍ତାର ବିଷୟ ହୋଇଛି। ତେଣୁ ଏହାର ବିକଳ୍ପ ଭାବେ ସୌର ଶକ୍ତିର ବିନିଯୋଗ ଉପରେ ପ୍ରାଧାନ୍ୟ ଦିଆଯାଉଛି। ୧୯୮୪ରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓଡ଼ିଶା ରିନ୍ୟୁଏବ୍‌ଲ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି) ବା ଓରେଡା କାର୍ଯ୍ୟକ୍ଷମ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଅକ୍ଷୟ ଶକ୍ତିର ବ୍ୟାପକ ବିନିଯୋଗ କରିବା। କିନ୍ତୁ ଇତିମଧ୍ୟରେ ୩୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଓରେଡା ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିନି। ଆଶ୍ଚର୍ଯ୍ୟର କଥା ହେଲା ଏବେ ବି ଅଧିକାଂଶ ଲୋକ ସୌର ପ୍ରକଳ୍ପ (ସୋଲାର ପ୍ରୋଜେକ୍ଟ) କଣ ଓ ଏହାର ଉପକାରିତା ବିଷୟରେ ଜାଣନ୍ତି ନାହିଁ। ଜଗତ୍‌ସିଂହପୁର ଜିଲାରେ ଓରେଡା ପକ୍ଷରୁ ଅନେକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଉଛି। ବାସ୍ତବରେ କିନ୍ତୁ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଚଳ ଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ବାତ୍ୟା ଫନୀ ପ୍ରଭାବରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବିଦ୍ୟୁତ ସେବା ଠପ୍ ହୋଇଯାଇଛି। ଏ ସମୟରେ ସୌର ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ଥିଲେ ସମସ୍ୟା କେତେକାଂଶରେ ଦୂର ହେବାରେ ସହାୟକ ହୋଇପାରିଥାନ୍ତା।

୧୯୯୯ ମହାବାତ୍ୟା ପରେ ଜିଲାର ଏରସମା ଅଞ୍ଚଳରେ ବହୁ ସଂଖ୍ୟାରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। କିନ୍ତୁ ଏବେ ସେଗୁଡ଼ିକର ଚିହ୍ନବର୍ଣ୍ଣ ନାହିଁ। ଏହାପରେ ମଧ୍ୟ ଏହି ଲାଇଟ୍ ଲଗାଚାଲିଛି। ୨୦୧୭-୧୮ରେ ନାଉଗାଁ ବ୍ଲକ ଅଞ୍ଚଳରେ ୧୯୪ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲାଗିଥିବା କୁହାଯାଇଛି। କିନ୍ତୁ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଅଚଳ। ଷ୍ଟ୍ରିଟ୍ ଲାଇଟ୍ ପିଛା ୧୬,୮୦୦ ଟଙ୍କା ହିସାବରେ ମୋଟ ୧୭୦ ଲାଇଟ୍ ପାଇଁ ୨୮,୫୬,୦୦୦ ଟଙ୍କା ବିନିଯୋଗ ସତ୍ତ୍ୱେ ଏହାର ଉପକାର ଲୋକେ ନ ପାଇବା ଅସନ୍ତୋଷ ସୃଷ୍ଟି କରିଛି। ଅନୁରୂପ ଭାବେ ୨୦୧୬-୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଛାତ ଉପରେ ୧୦ କିଲୋୱାଟ୍‌ର ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ବିଦ୍ୟୁତ୍ ନ ଥିବାବେଳେ ଜିଲାପାଳଙ୍କ ଚାମ୍ବର, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସଦ୍‌ଭାବନା ସଭାଗୃହ ଆଦିକୁ ଆଲୋକିତ କରିବା। ବହୁ ଅର୍ଥ ବ୍ୟୟରେ ଏହି ପ୍ରକଳ୍ପ କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେଉନାହିଁ। ସେହିପରି ଏହିବର୍ଷ ବାଲିକୁଦା, ଏରସମା ଥାନା, ନାଉଗାଁ ଓ ବିରିଡ଼ି ଥାନା ପରିସରରେ ମଧ୍ୟ ୨.୫ କିଲୋୱାଟ୍ ହିସାବରେ ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ଏଗୁଡ଼ିକ



■ମହାବାତ୍ୟା ପରେ ଲାଗିଥିବା ସୋଲାର ଲାଇଟର ଚିହ୍ନବର୍ଣ୍ଣ ନାହିଁ
■ପ୍ରକଳ୍ପ ନାମରେ ବିପୁଳ ଅର୍ଥ ବ୍ୟୟ, ଉପକୃତ ହେଉନାହାନ୍ତି ଲୋକେ

ମଧ୍ୟ କାର୍ଯ୍ୟକ୍ଷମ ନ ଥିବା କୁହାଯାଇଛି। ଜିଲାରେ ୧୧୬ ସୋଲାର ଡୁଆଲ ପମ୍ପ ବସାଯାଇଥିବା ଦର୍ଶାଯାଇଛି। ପମ୍ପ ବୋରିଂ ଭିତରେ ସମରଫିଲ୍ଡ ମୋଟର ଲଗାଯାଇଛି। ୧୦ ଫୁଟ ଉଚ୍ଚରେ ୫,୦୦୦ ଲିଟର ପାଣି ରହିଲା ପରି ଟାଙ୍କି କରାଯାଇଛି। ଏହି ଟାଙ୍କି ଉପରେ ସୋଲାର ପ୍ୟାନେଲଗୁଡ଼ିକ ଖଞ୍ଜାଯାଇଛି। ସୌର ଶକ୍ତିରୁ ବିଦ୍ୟୁତ ସୃଷ୍ଟି ହୋଇ ମୋଟରକୁ କାର୍ଯ୍ୟକ୍ଷମ କରୁଛି ଏବଂ ତା'ପରେ ପାଣି ଉଠି ଟ୍ୟାଙ୍କରରେ ଭରୁଛି। ଏହି ପାଣି କିନ୍ତୁ ଗ୍ରାମଗୁଡ଼ିକୁ ଯୋଗାଣ ହେଉନି। ସେହି ସ୍ଥାନରେ ୩/୪ଟି ଟ୍ୟାପ୍ ସଂଯୋଗ ହୋଇଛି ଏବଂ ଲୋକେ ସେ ସ୍ଥାନରୁ ପିଇବା ପାଣି ନେବା ବ୍ୟବସ୍ଥା କରାଯାଇଛି। ଏସବୁ ବାବଦରେ ଅର୍ଥାତ୍ ପମ୍ପ ପିଛା ପାଖାପାଖି ୩,୯୭,୦୦୦ ଟଙ୍କା ହିସାବରେ ମୋଟ ୪,୬୦,୫୨,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ବାତ୍ୟା ଫନୀ ପରେ ୮୫ଟିର ସ୍ଥିତି ଉପରେ ଅନୁଧ୍ୟାନ କରାଯାଇଛି। ସେଥିମଧ୍ୟରୁ ୧୬ଟି କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଅବଶିଷ୍ଟ ଅନୁଧ୍ୟାନ ପରେ ଆଉ କେତୋଟି କ୍ଷତିଗ୍ରସ୍ତ ହୋଇଛି ଜଣାପଡିବ। କିନ୍ତୁ ଯେଉଁଗୁଡ଼ିକ ସଚଳ ଅଛି ବୋଲି ଦର୍ଶାଯାଉଛି ସେଗୁଡ଼ିକ ମଧ୍ୟ ବାସ୍ତବରେ ପୂର୍ଣ୍ଣଭାବରେ କାର୍ଯ୍ୟକ୍ଷମ ନାହିଁ। ଗ୍ରାମାଞ୍ଚଳ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ଜିଲାର ବହୁ ସ୍ଥାନରେ ସୌର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଥିବା କୁହାଯାଉଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ ଏକାଧିକ କାର୍ଯ୍ୟକ୍ଷମ ନାହିଁ। ୧୭ଟି କାର୍ଯ୍ୟକ୍ଷମ ଥିବା କାଗଜପତ୍ରରେ ଦର୍ଶାଯାଉଛି। ସେଗୁଡ଼ିକ ହେଲା ଜଗତ୍‌ସିଂହପୁର ବ୍ଲକର ଜାହାନପୁର, ସମଙ୍ଗ, ଅଁଳା, ତିର୍ତ୍ତୋଲ ବ୍ଲକର ବୋଦେଇ, ଅଡ଼ାପଟି, ପୋଷଲ, ରଘୁନାଥପୁର ବ୍ଲକର ବିଦ୍ୟାଧରପୁର, ରାଢ଼ଙ୍ଗ, ସାଦେଇପୁର, ଧରାଧରପୁର, ଏରସମା ବ୍ଲକର ଗଣେଶ୍ୱରପୁର, ବିରିଡ଼ି ବ୍ଲକର ବାଗଲପୁର, ନାଉଗାଁ ବ୍ଲକର ଗଳଧାରୀ, ହରିଶପୁର, ବାଲିକୁଦା ବ୍ଲକର ଇଛାପୁର, ବାଖରାବାଦ ଓ ଅଳାଭର। ବାସ୍ତବରେ କିନ୍ତୁ ଏସବୁ ସ୍ଥାନରେ ପ୍ରକଳ୍ପଗୁଡ଼ିକ କାମ କରୁନାହିଁ। କେତେକ ସ୍ଥାନରେ ପ୍ରକଳ୍ପରେ ତ୍ରୁଟି ଯୋଗୁ ପାଣି ଉଠୁ ନ ଥିବା ବେଳେ ଆଉ କେତେକରେ ପାଇପ୍ ଲାଇନ୍ ଠିକ ନ ଥିବାରୁ ଜଳ ଯୋଗାଣ ହୋଇପାରୁନାହିଁ। ଏ ସମ୍ପର୍କରେ ଓରେଡା ଜଗତ୍‌ସିଂହପୁର କାର୍ଯ୍ୟାଳୟ ସୁପରଭାଇଜର ନାରାୟଣ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ବାତ୍ୟା ପରେ ଯେଉଁ ସୋଲାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ହୋଇଥିଲା ସେଗୁଡ଼ିକ ବିଷୟରେ କାର୍ଯ୍ୟାଳୟରେ କୌଣସି ସୂଚନା ନାହିଁ। ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ପ୍ଲାଣ୍ଟ ଓ ଏହି ପରିସରରେ ଥିବା ଷ୍ଟ୍ରିଟ୍ ଲାଇଟ୍ କାମ କରୁଛି କି ନାହିଁ ଜାଣନ୍ତି ନାହିଁ। ନାଉଗାଁ ଅଞ୍ଚଳରେ ନୂଆକରି ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ସ୍ଥିତି ମଧ୍ୟ ଜଣାନାହିଁ । ଓରେଡା ସହକାରୀ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ପଞ୍ଚାନନ ତ୍ରିପାଠୀଙ୍କ କହିବା କଥା ହେଲା ସେ ଯେହେତୁ ଏକାଧିକ ଜିଲା ଦାୟିତ୍ୱରେ ଅଛନ୍ତି, ସବୁ ଠିକ ଭାବେ ବୁଝିବା ସହଜ ହେଉନି। ଜଗତ୍‌ସିଂହପୁର ଜିଲା ପାଇଁ ସପ୍ତାହରେ ଗୋଟିଏ ଦିନ ଦେବାକୁ ପଡୁଛି। ଏହା ଭିତରେ ସେ ଯଥା ସମ୍ଭବ କାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରୁ ବାତ୍ୟା ଆଳରେ କାଠ ଲୁଟ୍

**କୁଜଙ୍ଗ, ୧୩।୫(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍‌ର ପଙ୍କପାଳ ନିକଟ ମହାନଦୀ ପାର୍ଶ୍ୱରେ ଇଫ୍‌କୋ ସହାୟତାରେ କେତେକ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଏହି ଜଙ୍ଗଲରେ ମୂଲ୍ୟବାନ ଆକାଶିଆ, ଶିଶୁ ଓ ପଟାସ ଆଦି ଗଛ ରହିଛି। ତେବେ ଗତ ବାତ୍ୟାରେ କେତେକ ଗଛ ନଇଁପଡିଛି। ଏହାର ସୁଯୋଗ ନେଇ ବହୁ ଅସାଧୁ ବ୍ୟକ୍ତି ଏସବୁ ଗଛ କାଟି ନେଉଛନ୍ତି। ଏଥିରେ କେତେଜଣ କାଠ ମାଫିଆଙ୍କ ସହ ପ୍ରଭାବଶାଳୀ ଲୋକଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ତେଣୁ ବନ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି ବୋଲି ପରିବେଶ ପ୍ରେମୀ ବିପିନ କୁମାର ସାହୁ ଅଭିଯୋଗ କରିଛନ୍ତି। ମୃତ୍ତିକା କ୍ଷୟରୁ ରକ୍ଷା କରିବାରେ ଏହି ଜଙ୍ଗଲ ସୁରକ୍ଷା କବଚ ସଦୃଶ ରହିଛି। କିନ୍ତୁ ଗତ ୩ ତାରିଖରୁ ସୋମବାର ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ଏହି ଜଙ୍ଗଲରୁ ଗଛ କଟା ଚାଲିଥିବା ଦେଖିବାକୁ ମିଳୁଛି। ଲୋକମାନେ ସିଧା ଓ ମୋଟା ଥିବା ଗଛଗୁଡ଼ିକୁ କାଟି ନେଉଛନ୍ତି। ଏ ବିଷୟରେ କୁଜଙ୍ଗ ବନଖଣ୍ଡ ଅଧିକାରୀ ପ୍ରତାପ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗଛ କାଟୁଥିବା ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ

**ନିଶ୍ଚିନ୍ତକୋଇଲି, ୧୩।୫(ସ୍ୱ.ପ୍ର.):** ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ କରି ଏସୟୁସିଆଇ(କମ୍ୟୁନିଷ୍ଟ)ପକ୍ଷରୁ ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାତ୍ୟାରେ ଘର ଭଙ୍ଗା, ଫସଲ ହାନୀ ଓ କୁକୁଡ଼ାଛେଳି ଆଦି କ୍ଷୟକ୍ଷତିର ଠିକ ଆକଳନ ହୋଇନାହିଁ। ଏପରି କି ତହସିଲ ପ୍ରଶାସନ କ୍ଷୟକ୍ଷତି ଆକଳନରେ ପାତର ଅନ୍ତର ନୀତି ଅବଲମ୍ବନ କରୁଛି। ସ୍ଥାନୀୟ ଲୋକପ୍ରତିନିଧିଙ୍କ ପ୍ରରୋଚନାରେ ପ୍ରଭାବିତ ହୋଇ ରାଜସ୍ୱ ବିଭାଗ କ୍ଷୟକ୍ଷତି ଆକଳନ କରୁଥିବା ଜିଲା କମିଟି ସଦସ୍ୟ ରାଜକିଶୋର ମଲ୍ଲିକ ଅଭିଯୋଗ କରିଛନ୍ତି। ବିକ୍ଷୋଭରେ ପରମାନନ୍ଦ ସେଠୀ, ଅଜୟ ମଲ୍ଲିକ, ମନୋରଞ୍ଜନ ବେହେରା, ତରୁଣୀସେନ ନାୟକ ଓ ଶରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା, ବାତ୍ୟାରେ ପୀଡ଼ିତ ସମସ୍ତଙ୍କୁ ରିଲିଫ ପ୍ରଦାନ ଓ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ପାଣ୍ଠି ସଂଗ୍ରହ

**ବାଙ୍କୀ, ୧୩।୫(ସ୍ୱ.ପ୍ର.):** ବାଙ୍କୀ କଲେଜ୍ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। କଲେଜ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀ ସୋମବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ବିପନ୍ନଙ୍କୁ ସହାୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଅର୍ଥ ସଂଗ୍ରହ କରାଯାଇ ପ୍ରଦାନ କରାଯିବ। ସେଥିପାଇଁ ସମସ୍ତେ ଆଗେଇ ଆସି ଅର୍ଥଦାନ କରିବାକୁ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧାପକ ମନୋଜ ମହାପାତ୍ର ଅନୁରୋଧ କରିଛନ୍ତି।

■ ପଲିଥିନ୍ ବଣ୍ଟନବେଳେ ଗଣ୍ଡଗୋଳ, ଜଣେ ଆହତ

## ଓଆଇଏସ୍‌ଏଫ୍‌ଙ୍କ ବିରୋଧରେ ଏତଲା

ବିରିଡ଼ି, ୧୩।୫(ଡି.ଏନ୍.ଏ.)

ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସୋମବାର ବିରିଡ଼ି ତହସିଲ କାର୍ଯ୍ୟାଳୟରେ ପଲିଥିନ ବଣ୍ଟନ ବେଳେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରିଲିଫ୍ ନେବାକୁ ଆସିଥିବା ଜଣେ ବିପନ୍ନଙ୍କ ସହ ସେଠାରେ ଉପସ୍ଥିତ ଜଣେ ଓଆଇଏସ୍‌ଏଫ୍ କର୍ମଚାରୀଙ୍କ ହାତାହାତି ହୋଇଛି। ଏଥିରେ ସମ୍ପୃକ୍ତ ବିପନ୍ନ କୁଲକଇଜଙ୍ଗା ଗ୍ରାମର ପ୍ରମୋଦ ମୁଦିଲି(୩୫) ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପଲିଥିନ ନେଉଥିବା ଲୋକ ଏବଂ ତହସିଲ କର୍ମଚାରୀଙ୍କୁ ପ୍ରମୋଦ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିଥିଲେ। ସେଠାରେ କର୍ତ୍ତବ୍ୟରତ ଓଆଇଏସ୍‌ଏଫ୍ ଏହା ଦେଖିବା ପରେ ପ୍ରମୋଦଙ୍କୁ ଉକ୍ତ ସ୍ଥାନ ଛାଡ଼ି ଚାଲିଯିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରମୋଦ ଓଆଇଏସ୍‌ଏଫ୍‌ଙ୍କୁ ଗାଳିଗୁଲଜ କରିବାରୁ ଉଭୟଙ୍କ ମଧ୍ୟରେ ମାରିପିଟ ହୋଇଥିଲା। ଏଥିରେ ଆହତ ପ୍ରମୋଦଙ୍କୁ ପ୍ରଥମେ ବିରିଡ଼ି ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ପ୍ରମୋଦଙ୍କ ମା' ପ୍ରମିଳା ମୁଦୁଲିଙ୍କ ଅଭିଯୋଗ ପରେ ପ୍ରଥମେ ତହସିଲ ଓ ପରେ ବ୍ଲକ କାର୍ଯ୍ୟାଳୟ ଆଗରେ ସ୍ଥାନୀୟ ଲୋକେ ନିଆଁ ଜାଳି ହୋହଲ୍ଲା କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରମିଳାଙ୍କ ଅଭିଯୋଗକୁ ଭିତ୍ତି କରି ବିରିଡ଼ି ଥାନାରେ ମାମଲା ନଂ.୫୪/୧୯ ରୁଜୁ ହୋଇଛି। ଗଣ୍ଡଗୋଳର କାରଣ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଆଇଆଇସି ପାରୋ ଟୁଡୁ କହିଛନ୍ତି। ସମ୍ପୃକ୍ତ ଓଆଇଏସ୍‌ଏଫ୍ କର୍ମଚାରୀଙ୍କୁ ଜଗତ୍‌ସିଂହପୁର ପଠାଇ ଦିଆଯାଇଛି।

## ପ୍ରକଳ୍ପ ଅଚଳ, ମିଳୁନି ପାନୀୟଜଳ

ତିର୍ତ୍ତୋଲ, ୧୩।୫(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଜଡ଼ତିରା ପଞ୍ଚାୟତ ବନ୍ଧବାଟିରେ ଥିବା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏହି ପ୍ରକଳ୍ପ ଉପରେ ବନ୍ଧବାଟି, ପଞ୍ଚେଇ, ଧର୍ମେଶ୍ୱର ପୀଠ ସମେତ ସ୍ଥାନୀୟ ଜନସାଧାରଣ ନିର୍ଭରଶୀଳ। ପ୍ରକଳ୍ପଟି ୨୦୦୫ରେ ଆରମ୍ଭ ହୋଇଥିଲା। କିନ୍ତୁ ଏଥିରୁ ବାହାରୁଥିବା ଜଳ ପାନୀୟ ଉପଯୋଗୀ ନ ହେବାରୁ ୨ ବର୍ଷ ପରେ ପ୍ରକଳ୍ପଟି ବନ୍ଦ କରାଯାଇ ସେଠାରେ ଆଉ ଏକ ବୋରିଂ କରାଯାଇଥିଲା। ଏହା କିଛିବର୍ଷ ଚାଲିବା ପରେ ପୁଣି ପାଣି କ୍ଷାରଯୁକ୍ତ ହେବାରୁ ଏହାକୁ ମଧ୍ୟ ବନ୍ଦ କରାଯାଇଥିଲା। ପରେ ଆଉ ଏକ ବୋରିଂ କରାଯାଇ ଜଳ ଯୋଗାଣ ହେଲା। ୨୦୧୭ରେ ସେଠାରେ ଆଉ ଏକ ବୋରିଂ ଖନନ ସହ ମାଟି ତଳେ ପାଇପ ବିଛାଯାଇ ପାନୀୟ ଯୋଗାଣ ଆରମ୍ଭ ହୋଇଥିଲା। ଏବେ ମାଟି ତଳେ ଯାଇଥିବା ପାଇପ ସମେତ ଷ୍ଟାଣ୍ଡପୋଷ୍ଟଗୁଡ଼ିକ ନଷ୍ଟ ହୋଇଗଲାଣି। ତେଣୁ ଜଳ ଯୋଗାଣ ସମ୍ଭବ ହେଉନାହିଁ। ଫଳରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଲୋକମାନେ ଏବେ ପାନୀୟଜଳ ନ ପାଇ ତହଲବିକଳ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ପାନୀୟଜଳ ଅଭାବ ଲୋକଙ୍କୁ ଅତିଷ୍ଠ କରୁଛି। ବିଭାଗୀୟ ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ୭୫୩ ହିତାଧିକାରୀଙ୍କୁ ରିଲିଫ ବଣ୍ଟନ



ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଉଛି।

ତିର୍ତ୍ତୋଲ, ୧୩।୫(ଡି.ଏନ.ଏ.)

ସରକାରଙ୍କ ତରଫରୁ ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ପିଛା ୫୦୦ ଟଙ୍କା ଓ ମୁଣ୍ଡପିଛା ୫କିଲୋ ଚାଉଳ ପ୍ରଦାନ କରାଯାଉଛି। ଏହି କ୍ରମରେ ତିର୍ତ୍ତୋଲ ବ୍ଲକର ପ୍ରତ୍ୟକ ପଞ୍ଚାୟତରେ ରଲିଫ ସାମଗ୍ରୀ ପ୍ରଦାନ ପାଇଁ ବ୍ଲକ ପ୍ରଶାସନ ତରଫରୁ ଉଦ୍ୟମ ଆରମ୍ଭ କରାଯାଇଛି। ସୋମବାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଡତିରା ପଞ୍ଚାୟତ ଅରଡା ଗ୍ରାମର ତିନୋଟି ୱାର୍ଡରେ ୭୫୩ ଜଣଙ୍କୁ ରଲିଫ ବଣ୍ଟନ କରାଯାଇଛି। ଗ୍ରାମରେ ଥିବା ଧର୍ମେଶ୍ୱର ଏସଏଚଜି ବିତରଣ କେନ୍ଦ୍ର ଠାରେ ହିତାଧିକାରୀଙ୍କୁ ଟଙ୍କା ଓ ଚାଉଳ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟ ଏସଏଚଜି ସମ୍ପାଦିକା ଆରତୀ ନାଥ, ସଭାପତି ମଞ୍ଜୁଲତା ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ଏଥିରେ ଆଦିତ୍ୟ ନାଥଶର୍ମା, ଈଶ୍ୱର ନାଥ, ବିଶ୍ୱରଞ୍ଜନ ନାଥଶର୍ମା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବାରେଡିଆରେ ଜଳାଭାବ, ୬ ନଳକୂପ ଅଚଳ

ବାଲିଆ, ୧୩।୫



ଅଚଳ ନଳକୂପ।

ବିରିଡ଼ି ବ୍ଲକ ବାରେଡିଆ ପଞ୍ଚାୟତରେ ଏବେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ୭ରୁ ଊର୍ଦ୍ଧ୍ୱ ନଳକୂପ ଗତ ୬ମାସ ହେଲା ଅଚଳ ହୋଇପଡିଛି। ତେଣୁ ଲୋକେ ପାଇପ୍ ପାଣି ଉପରେ ନିର୍ଭର କରି ଚଳୁଥିଲେ। କିନ୍ତୁ ଫନୀ ପ୍ରଭାବରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ପାନୀୟଜଳ ଯୋଗାଣ ଏକପ୍ରକାର ଠପ ହୋଇଯାଇଛି। ଫଳରେ ଏହି ପଞ୍ଚାୟତର ୧୦ ନଂ.ୱାର୍ଡ ମାଧ ବସ୍ତିଆ ସାହି, ମଲ୍ଲିକ ସାହି, ୧୨ ନଂ ୱାର୍ଡର ବସ୍ତିଆ ସାହି, ୧୧ନଂ ୱାର୍ଡର ଠାକୁରାଣୀ ସାହି, ରାଉତ ସାହି, ବେହେରା ସାହିରେ ପାଣି ପାଇଁ ଲୋକେ ହଇରାଣ ହେଉଛନ୍ତି। ଏହି ସାହିର ନଳକୂପଗୁଡ଼ିକ ଦୀର୍ଘଦିନ ହେବ ମରାମତି ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପୂର୍ବତନ ସରପଞ୍ଚ କାଳନ୍ଦି ବସ୍ତିଆ କହିଛନ୍ତି। ଗତ ୬ମାସ ହେଲା ଏହି ପଞ୍ଚାୟତରେ ଲାଗିରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଂଶୁଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଅଭିଯୋଗ

ତିଗିରିଆ, ୧୩।୫(ଡି.ଏନ.ଏ.)

ତିଗିରିଆ ତହସିଲ ଅନ୍ତର୍ଗତ ପାଞ୍ଚଗାଁ କଦମ୍ବସାହିର ଜଣେ ରାଜମିସ୍ତ୍ରୀଙ୍କ ସୋମବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେ ହେଲେ ଗ୍ରାମର ମେଘନାଦ ଦଳେଇଙ୍କ ପୁଅ ମଣ୍ଟୁ ଦଳେଇ। କାମ ସାରି ୫ଟା ବେଳେ ଘରେ ପହଞ୍ଚିବା ପରେ ହଠାତ୍ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ସବୁ ବିପନ୍ନଙ୍କୁ ରିଲିଫ ପ୍ରଦାନ ଦାବି

## ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର



ବ୍ଲକ କଂଗ୍ରେସ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତିର୍ତ୍ତୋଲ/ ରାହାମା, ୧୩।୫ (ଡି.ଏନ.ଏ.)

ଫନୀ ଦ୍ୱାରା ପ୍ରଭାବିତ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ସମସ୍ତ ବିପନ୍ନଙ୍କୁ ରିଲିଫ ପ୍ରଦାନ ପାଇଁ ବ୍ଲକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ଏକ ୪ଦଫା ସମ୍ବଳିତ ଦାବିପତ୍ର ସୋମବାର ଜଗତ୍‌ସିଂହପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଏହି ଦାବିପତ୍ରର ନକଲ ମଧ୍ୟ ତିର୍ତ୍ତୋଲ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏଥିରେ କେବଳ ରାଶନକାର୍ଡଧାରୀଙ୍କ ବଦଳରେ ସମସ୍ତ କ୍ଷତିଗ୍ରସ୍ତ ଗରିବ ପରିବାରକୁ ରିଲିଫ ପ୍ରଦାନ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ବହୁ ଗରିବ ପରିବାର, ଅସହାୟ, ବିଧବା ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଏବେ ଫନୀରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିସହ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ନ ଥିବାରୁ ସେମାନେ ଅନ୍ଧାରରେ ଚଳୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ମାଗଣାରେ କିରୋସିନ ପ୍ରଦାନ କିମ୍ବା ଖୋଲା ବଜାରରେ କିରୋସିନ ବିକ୍ରି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। କ୍ଷୟକ୍ଷତି ସଠିକ ଆକଳନ ସହ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ ଦାସ, ନରହରି ମିଶ୍ର, ଜିଲା କଂଗ୍ରେସ ଉପସଭାପତି ନାରାୟଣ ପ୍ରସାଦ ରାଉଳ, ତିର୍ତ୍ତୋଲ ନିର୍ବାଚନମଣ୍ଡଳି ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୂତାର, ତରଜଙ୍ଗା ସରପଞ୍ଚ ବସନ୍ତ କୁମାର ସେଠୀ, ସଂଖ୍ୟାଲଘୁ ସେଲର ଶେଖ ଅବଦୁଲ ଗଫୁର, ଗଗନ ମହାନ୍ତି, ନବଘନ ଲେଙ୍କା, ରବୀନ୍ଦ୍ର ମଲ୍ଲିକ, ଧ୍ରୁବ ଚରଣ ପରିଡା, ଗୌରାଙ୍ଗ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

■ ସେସୁ ଦ୍ୱାରା ଉପେକ୍ଷିତ ବିରିଡ଼ି ବିଦ୍ୟୁତ ସେକ୍ସନ

## ଶୀତଳଭଣ୍ଡାରରେ ବିଦ୍ୟୁତ୍ ଷ୍ଟ୍ରକ୍‌ଚର

ବିରିଡ଼ି, ୧୩।୫(ଡି.ଏନ୍.ଏ.)



ବିରିଡ଼ିରେ ଥିବା ବିଦ୍ୟୁତ୍ ଷ୍ଟ୍ରକଚର।

ଜଗତ୍‌ସିଂହପୁର ଜିଲା ବିରିଡ଼ି ବିଦ୍ୟୁତ୍ ସେକ୍ସନ ଅଧୀନରେ ରହିଛି ୨୧ଟି ପଞ୍ଚାୟତ। ଏସବୁ ପଞ୍ଚାୟତରେ ବିଦ୍ୟୁତ୍ ସେବା ଠିକ୍ ନ ଥିବାରୁ ପ୍ରତ୍ୟହ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। କନ୍ଦରପୁର-ବିରିଡ଼ି ୩୩କେଭି ଫିଡ଼ରରେ ବାରମ୍ବାର ତ୍ରୁଟି ପରିଲକ୍ଷିତ ହେବା ଯୋଗୁ ଏହି ଅଞ୍ଚଳବାସୀ ୨୫ ବର୍ଷ ହେଲା ସ୍ୱାଭାବିକ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ୧୯୯୪ରେ ଜଗତ୍‌ସିଂହପୁର ସଦର ମହକୁମାକୁ ୧୩୨ କେଭି ଲାଇନ୍ ଦ୍ୱାରା ସଂଯୋଗ କରାଗଲା। ମାତ୍ର ସେହି ବର୍ଷଠାରୁ କଟକ-ଜଗତ୍‌ସିଂହପୁର ୩୩ କେଭି ଫିଡ଼ରର ନବୀକରଣ କରାଯାଉନାହିଁ। ଫଳରେ ଏହି ଫିଡ଼ରରୁ ବିଦ୍ୟୁତ୍ ପାଉଥିବା ବିରିଡ଼ି ଅଞ୍ଚଳ ଉପେକ୍ଷିତ ଅବସ୍ଥାରେ ରହିଛି। ପ୍ରତ୍ୟକ ଦିନ ୫ରୁ ୬ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି ବୋଲି ହଳଦିଆପଡ଼ା ଗ୍ରାମର ରଘୁନନ୍ଦନ ରାଉତ କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଦ୍ୱାରା ଜଗତ୍‌ସିଂହପୁର ଜିଲାର ଏହି ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ସେଭଳି ତତ୍ପରତା ପ୍ରକାଶ ପାଉନାହିଁ ବୋଲି ଗଣେଶ ଚନ୍ଦ୍ର ମାଣିଆ କହିଛନ୍ତି। କନ୍ଦରପୁର-ବିରିଡ଼ି ମଧ୍ୟଭାଗରେ ୧୩୨/୩୩ କେଭି ଷ୍ଟ୍ରକ୍‌ଚର କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ବିଦ୍ୟୁତ ବିଭାଗର ଶୀତଳଭଣ୍ଡାରରେ ଏହି ଫାଇଲଟି ପଡ଼ିରହିଛି। ପରିତାପର ବିଷୟ ହେଲା ନିର୍ବାଚିତ ଜନପ୍ରତିନିଧିମାନେ ସମୟକୁ ସମୟ ବିଦ୍ୟୁତ ସେବାର ସମୀକ୍ଷା ନ କରିବା ଦ୍ୱାରା ଉପଭୋକ୍ତାମାନଙ୍କ ସମସ୍ୟା ଅତି ଜଟିଳ ହେବାରେ ଲାଗିଛି ବୋଲି ସ୍ଥାନୀୟ ବାସିନ୍ଦା ଯୁଧିଷ୍ଠିର ବେହେରା କହିଛନ୍ତି। ଏ ସମ୍ପର୍କରେ ରଘୁନାଥପୁର ବିଦ୍ୟୁତ୍ ସବ୍‌ଡିଭିଜନର ସହକାରୀ ପରିଚାଳକ ବିଶ୍ୱରଞ୍ଜନ ଦେଉରୀଙ୍କୁ ପଚାରିବାରୁ ସେ କହିଲେ ଯେ ୩୩ କେଭି ଫିଡ଼ରର ନବୀକରଣ ପାଇଁ କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଏହାବାଦ୍ ସହରାଞ୍ଚଳ ଭଳି ୩ ସିଫ୍‌ଟରେ କାର୍ଯ୍ୟ କରିବା ପାଇଁ ଗ୍ରାମାଞ୍ଚଳରେ ବ୍ୟବସ୍ଥା ନ ଥିବାରୁ ବିରିଡ଼ିରେ ତ୍ୱରିତ ବିଦ୍ୟୁତ ସେବା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଦୁଇ ଗୋଷ୍ଠୀ ଗଣ୍ଡଗୋଳ: ୮ ଆହତ

**ମାହାଙ୍ଗା,୧୩।୫(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଓଲକଣାଠାରେ ସୋମବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପକ୍ଷର ୮ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ସଏମ ଗ୍ରାମର ବୈକୁଣ୍ଠ ନାଥ ସ୍ୱାଇଁ ଓ ହଳଦିଆ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର ସାହୁ ଏବଂ ତାଙ୍କ ଭାଇ ଦେବେନ୍ଦ୍ର ସାହୁ ୨ଟି ବାଇକ୍‌ରେ ବ୍ୟାଙ୍କ କାର୍ଯ୍ୟରେ ମାହାଙ୍ଗା ଯାଉଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଓଲକଣା ଗ୍ରାମର ପରମାନନ୍ଦ ପୃଷ୍ଟି, ସୁଧୀର ପୃଷ୍ଟି, ନାଲିଆ ପୃଷ୍ଟି, ମଣ୍ଟୁ ପୃଷ୍ଟି ଓ କାଳିଆ ପୃଷ୍ଟିଙ୍କ ସମେତ ତାଙ୍କର କେତେଜଣ ସହଯୋଗୀ ହଠାତ୍ ଓଲକଣାଠାରେ ସରପଞ୍ଚଙ୍କ ପ୍ରତିନିଧି ଓ ତାଙ୍କ ଭାଇଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହିତ ବୈକୁଣ୍ଠଙ୍କୁ ମଧ୍ୟ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ଓଲକଣା ଗ୍ରାମର ସୁଷମା ପୃଷ୍ଟି, ତାଙ୍କ ସ୍ୱାମୀ ସୁଧୀର ପୃଷ୍ଟି, ଦିଅର ହରିହର ପୃଷ୍ଟି ଏବଂ ତାଙ୍କ ଶାଶୁଶ୍ୱଶୁରଙ୍କୁ ରିଲିଫ ବଣ୍ଟନ ସମୟରେ ଝଗଡାକୁ କେନ୍ଦ୍ରକରି ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର, ଦେବେନ୍ଦ୍ର, ବୈକୁଣ୍ଠ ଓ କେତେଜଣ ସହଯୋଗୀ ଆକ୍ରମଣ କରିଥିବା ନେଇ ପାଲଟା ଅଭିଯୋଗ ହୋଇଛି। ଏହି ଘଟଣାରେ ଜ୍ଞାନେନ୍ଦ୍ର, ଦେବେନ୍ଦ୍ର, ବୈକୁଣ୍ଠ, ସୁଷମା, ହରିହର, ସୁଧୀର ଏବଂ ତାଙ୍କ ଶାଶୁଶ୍ୱଶୁର ଆହତ ହୋଇଛନ୍ତି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ଏସ୍‌ଆରସିଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

**ନିଶ୍ଚିନ୍ତକୋଇଲି,୧୩।୫(ସ୍ୱ.ପ୍ର.):** ବାତ୍ୟା ଯିବାର ୧୧ ଦିନ ବିତି ଯାଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକରେ ଅଦ୍ୟାବଧି ସୂଚାରୁ ରୂପେ ରିଲିଫ ବଣ୍ଟନ କରାଯାଇନାହିଁ। ଠିକରେ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ସରକାର ଯୋଗାଉଥିବା ରିଲିଫ ବଣ୍ଟନରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଥିବା ଜଣାପଡିଛି। ବିଦ୍ୟୁତ୍ ଓ ପାନୀୟ ଜଳ ସଙ୍କଟ ଦିନକୁ ଦିନ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇଛି। ତେଣୁ ସମସ୍ତ ବାତ୍ୟା ପ୍ରଭାବିତଙ୍କୁ ତୁରନ୍ତ ରିଲିଫ ପ୍ରଦାନ କରିବା ସହ ନିରପେକ୍ଷଭାବେ କ୍ଷୟକ୍ଷତି ଆକଳନ କରିବାକୁ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଏସ୍‌ଆରସି(ସ୍ପେସାଲ ରିଲିଫ କମିଶନର)ବିଷ୍ଣୁପଦ ସେଠୀଙ୍କୁ ଭେଟି ଲିଖିତଭାବେ ଜଣାଇଛନ୍ତି। ରିଲିଫ ବଣ୍ଟନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।

## ବାଇକ ଧକ୍କାରେ ଜଣେ ବରଯାତ୍ରୀଙ୍କ ମୃତ୍ୟୁ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

- କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଥାନାରେ ଅଭିଯୋଗ କଲେ ମୃତକଙ୍କ ସ୍ତ୍ରୀ

**ନାଉଗାଁ,୧୩।୫(ସ୍ୱ.ପ୍ର.)**

ନାଉଗାଁ ଥାନା ଅନ୍ତର୍ଗତ କାନୁନ୍‌ଗୋସାହି ଗ୍ରାମର ଜଣେ ବ୍ୟକ୍ତି ରବିବାର ରାତିରେ ପଡୋଶୀଙ୍କ ପୁଅ ବିବାହ କାର୍ଯ୍ୟରେ ବରଯାତ୍ରୀ ହୋଇ ଯାଇଥିବାବେଳେ ବାଇକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅରୁଣ କୁମାର ଦାସ। ତାଙ୍କ ସ୍ତ୍ରୀ ଗୀତା ଦାସ ସୋମବାର ଏନେଇ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଅଭିଯୋଗ ଅନୁଯାୟୀ, ଅରୁଣ ଡେରିକି ପଞ୍ଚାୟତ ଗଙ୍ଗଦା-ବନ୍ଧମୁଣ୍ଡା ଗ୍ରାମକୁ ବରଯାତ୍ରୀ ହୋଇ ଯାଇଥିଲେ। ସେ ଚାଲି ଚାଲି ଯାଉଥିବାବେଳେ ତେଣ୍ଟୋଇ ନିକଟରେ ଚାନ୍ଦପୁରା ଗ୍ରାମର ସତୀଶ



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଶଙ୍କର ଦାସ ଏକ ବାଇକ (ନଂ. ଓଡି୦୨ଏୱାଇ୬୯୫୦)ରେ ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଏଥିରେ ଅରୁଣ ଗୁରୁତର ହୋଇଥିଲେ। ତାଙ୍କୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୁକ୍ତ ବଜାରରେ ବୁଲୁଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ ନ କରିବାରୁ ସ୍ଥାନୀୟ ଲୋକେ ମୃତଦେହ ରଖି ନାଉଗାଁ-ଶିଖର ମୁଖ୍ୟରାସ୍ତା ନାଉଗାଁ ବଜାରଠାରେ ଅବରୋଧ କରିଥିଲେ। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ଓ ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ ପହଞ୍ଚି ମୃତ ଓ ଅଭିଯୁକ୍ତଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏନେଇ ମାମଲା ନଂ. ୭୮/୧୯ ରୁଜୁ ହୋଇଥିବା ଥାନା ଅଧିକାରୀ କର କହିଥିଲେ। ଅଭିଯୁକ୍ତ ଆହତ ଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୁସ୍ଥ ହୋଇ ଫେରିଲେ ତାଙ୍କୁ ଗିରଫ କରାଯିବ। ଏଥିସହ ଅଭିଯୁକ୍ତଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ମୃତ ଅରୁଣ ନିକଟସ୍ଥ ଶାଳିଜଙ୍ଗା ଶିଶୁ ମନ୍ଦିରରେ ଶିକ୍ଷାଦାନ କରୁଥିଲେ। ତାଙ୍କ ମରଶରୀର ନାଉଗାଁରେ ପହଞ୍ଚିବା ପରେ ଶାଳିଜଙ୍ଗାସ୍ଥିତ ଶିଶୁ ମନ୍ଦିରକୁ ନିଆଯାଇଥିଲା। ସେଠାରେ ଗୁରୁଜୀ ଗୁରୁମା, ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅରୁଣ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁତ୍ର ଅଛନ୍ତି।

## ମୋହରିରଙ୍କ ସମେତ ଜମିଦଲାଲ୍ ଗିରଫ

**ଜମିଜାଲିଆତି ଘଟଣା**

**ସାଲେପୁର,୧୩।୫(ଡି.ଏନ.ଏ.)**

ସାଲେପୁର ତହସିଲ୍ ଅଧୀନ ବହୁଗ୍ରାମ ପଞ୍ଚାୟତ ସିଂହମାପୁର ମୌଜାରେ ଘଟିଥିବା ଏକ ଜମି ଜାଲିଆତି ଘଟଣାରେ ଫେରାର୍ ଥିବା ମୋହରିର୍ ଓ ଦଲାଲ୍‌ଙ୍କୁ ସୋମବାର ସାଲେପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଏଲମାପୁର ଅଞ୍ଚଳର କୈଳାସ ଚନ୍ଦ୍ର ନାୟକଙ୍କ ବହୁଗ୍ରାମ ପଞ୍ଚାୟତ ସିଂହମାପୁର ମୌଜାରେ ଥିବା ପ୍ରାୟ ୫ ଗୁଣ୍ଠ ଜମିକୁ ଠକ୍କତା କରି ଅନ୍ୟନାମରେ ବିକ୍ରି ହୋଇଥିବା ନେଇ କୈଳାସଙ୍କ ପକ୍ଷରୁ ସାଲେପୁର ଥାନାରେ ୨୦୧୮ ନଭେମ୍ବରରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ମାମଲା ନଂ.୨୭୨/୧୮ ରୁଜୁ କରି ତଦନ୍ତ କରିଥିଲା। ଘଟଣାରେ ସମ୍ପୃକ୍ତ ସୁନୀଲ୍ ବାରିକ୍, ଜଗବନ୍ଧୁ ନାଥ, ବଲ୍ଲଭ ମହାନ୍ତି, ରାମ ମଲ୍ଲିକ୍, ସେକ୍ ସମିମ୍ ପ୍ରମୁଖଙ୍କୁ ଗତ ଜାନୁୟାରୀ ୧୯ ତାରିଖରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର୍ ଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ୍ ସୋମବାର ଘଟଣାରେ ସମ୍ପୃକ୍ତ ଥିବା ଶିଶୁଆ ପଞ୍ଚାୟତ ସପନପୁର ଗ୍ରାମର ମୋହରିର ପ୍ରସନ୍ନ ଦାଶ (୬୪) ଓ ଦଲାଲ୍ ଖଇରା ବଡ଼ଚଣା ଅଞ୍ଚଳର ତ୍ରିଲୋଚନ ବରାଳଙ୍କୁ ଗିରଫ କରିଥିଲା।୨୦୦୩ରେ ସାଲେପୁର ତହସିଲ୍ ଅଧୀନ ବହୁଗ୍ରାମ ପଞ୍ଚାୟତ ସିଂହମାପୁର ମୌଜାର ଭଗବାନ୍ ବାରିକ୍, ରବି ନାୟକ ଓ ସୁକାନ୍ତ ବାରିକ୍‌ଙ୍କ ଠାରୁ ଏଲମାପୁର ଅଞ୍ଚଳର କୈଳାସ ଚନ୍ଦ୍ର ନାୟକ ଏ୦.୨୭୫ଡି. ଜମି କ୍ରୟ କରିଥିଲେ। ହେଲେ ଚକ ଜମି ହୋଇଥିବାରୁ ଘରବାଡ଼ି କିସମରେ ପରିଣତ କରିବା ପାଇଁ ସେ ଗତବର୍ଷ ତହସିଲ୍‌ରେ ଆବେଦନ କରିଥିଲେ। ପଟ୍ଟା ମିଳିବାରେ ବିଳମ୍ବ ଘଟିବାରୁ ୨୦୧୯ ନଭେମ୍ବରରେ କୈଳାସଙ୍କ ଜ୍ୱାଇଁ ରେକର୍ଡ ରୁମ୍‌ରେ ପଟ୍ଟା ବିଷୟରେ ପଚାରି ବୁଝିବାରୁ ଜାଣିବାକୁ ପାଇଲେ ଯେ ତାଙ୍କର ଅସଲି ପଟ୍ଟାକୁ କେହି ଜାଲିଆତି କରି ନେଇଯାଇଛନ୍ତି। ପରେ କୈଳାସ ସାଲେପୁର ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଯାଇ ଏହି ଜମିର ନ କଲ ଦଲିଲ୍ ବାହାର କରିଥିଲେ। ଦଲିଲ୍‌ରୁ ଜାଣିବାକୁ ପାଇଲେ ଯେ ତାଙ୍କର ଥିବା ଏ୦.୨୭୫ଡି. ଜମିରୁ ଏ୦.୧୨୦ଡି. ଜମିକୁ ତାଙ୍କର ନକଲି ପରିଚୟ ପତ୍ର ଦେଇ ମଦନ ବେହେରାଙ୍କୁ ବିକ୍ରୟ କରାଯାଇଛି। ଏ ନେଇ କୈଳାସଙ୍କ ପକ୍ଷରୁ ଗତବର୍ଷ ନଭେମ୍ବରରେ ଅଭିଯୋଗ ହୋଇଥିଲା। ଜମି ଜାଲିଆତି ଘଟଣାରେ ଅଦ୍ୟାବଧି ୭ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦେବେନ୍ଦ୍ର ମଲ୍ଲିକ କହିଛନ୍ତି।

## ଫନୀରେ ଭାଙ୍ଗିରୁଜି ଗଲା ଡଙ୍ଗା, ଚିନ୍ତାରେ ମତ୍ସ୍ୟଜୀବୀ

# ପଞ୍ଜୀକରଣ ବିନା ମିଳିବନି କ୍ଷତିପୂରଣ

- ପ୍ରଭାବିତ ହେବେ ୨୦ ହଜାର ପରିବାର
- ସହାୟତା ପ୍ରଦାନ କରିବାକୁ ଦାବି

**କୁଜଙ୍ଗ,୧୩।୫(ସ୍ୱ.ପ୍ର.)**

ଫନୀ ପ୍ରଭାବରେ କୁଜଙ୍ଗ ଅଞ୍ଚଳର ପ୍ରାୟ ୨୦ ହଜାର ମତ୍ସ୍ୟଜୀବୀ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଜୀବନ ଜୀବିକା କଥା ବୁଝୁଥିବା ବହୁ ଡଙ୍ଗା ପବନରେ ଭାଙ୍ଗିରୁଜି ଯାଇଛି। ସେହିପରି ଅନେକ ଘର ମଧ୍ୟ ଭାଙ୍ଗିଯାଇଥିବାରୁ ସେମାନେ ବାସହରା ହୋଇଛନ୍ତି। ଏବେ ମୁଣ୍ଡଗୁଞ୍ଜିବାକୁ ଅନେକ ମତ୍ସ୍ୟଜୀବୀ ଜାଗା ପାଉନାହାନ୍ତି। ୧୯୯୯ ମହାବାତ୍ୟାରେ ଯେଉଁ ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ସମ୍ପୂର୍ଣ୍ଣ କିମ୍ବା ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା ସେମାନେ କ୍ଷତିପୂରଣ ପାଇଥିଲେ। କିନ୍ତୁ ଚଳିବର୍ଷ ଡଙ୍ଗା ପଞ୍ଜୀକରଣ କରିପାରି ନ ଥିବାରୁ ଏହି ପାରମ୍ପରିକ ମତ୍ସ୍ୟଜୀବୀମାନେ ସହାୟତା ପାଇପାରିବେ ନାହିଁ ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ମତ୍ସ୍ୟଜୀବୀଙ୍କ ଅସନ୍ତୋଷ ଆନ୍ଦୋଳନର ରୂପ ନେବାରେ ଲାଗିଛି ବୋଲି କୈବର୍ତ୍ତ ନେତା ପୀତାମ୍ବର



ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ଡଙ୍ଗା।

ତରାଇ କହିଛନ୍ତି। ନିଜ ହାତ ତିଆରି ଡଙ୍ଗା ଓ ଜାଲ ପାଇଁ କୌଣସି ପଞ୍ଜୀକରଣ ବ୍ୟବସ୍ଥା ନାହିଁ। ତେଣୁ ପଞ୍ଜୀକରଣ ଆଳରେ ପୁରୁଷ ପୁରୁଷ ଧରି କୌଳିକ ବୃତ୍ତିକୁ ଜାବୁଡ଼ି ଧରିଥିବା ମତ୍ସ୍ୟଜୀବୀଙ୍କ ପେଟକୁ ଲାତ ମରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୁଜଙ୍ଗ ଅଞ୍ଚଳର ମଙ୍ଗରାଜପୁର, ଗୋପିଆକୁଦ, ଗଣ୍ଡକୀପୁର, ବିଶ୍ୱାଳି, ଜିଲାନାସୀ, ଫତେପୁର, କୋଠି, ବଗଦିଆ, ପାରାଦୀପ ଗଡ଼, ଭୂତମୁଣ୍ଡାଇ ଓ ପଙ୍କପାଳ ଆଦି ଅଞ୍ଚଳର ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ପରିବାର ହାତରେ ଚାଷଜମି ନ ଥିବାରୁ ସେମାନେ ମହାନଦୀ ଓ ସମୁଦ୍ରରେ ମାଛ ଧରି ପରିବାର ଚଳାନ୍ତି। ତେଣୁ ଏବେ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବାକୁ ଥିବାରୁ କୈବର୍ତ୍ତ ନେତାମାନେ ବୈଠକ କରି ଏ ସମ୍ପର୍କରେ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ସମବାୟ ସମିତି ସଭାପତି ଜ୍ୟୋତିରଞ୍ଜନ ସାମଲ କହିଛନ୍ତି ଯେ, ସରକାର ଏମାନଙ୍କ କଥା ବିଚାର କରିବା ଉଚିତ। ମାତ୍ର ଯେଉଁ କୈବର୍ତ୍ତ ଭାଇମାନେ ଡଙ୍ଗା ପଞ୍ଜୀକରଣ କରିନାହାନ୍ତି, ସେମାନେ ତୁରନ୍ତ କରାଇନେବା ଆବଶ୍ୟକ। ଅନ୍ୟପକ୍ଷରେ ଯେଉଁ ମତ୍ସ୍ୟଜୀବୀମାନେ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ଅଞ୍ଚଳର ବୋଲି ସୂଚନା ମିଳିଛି।

## ବାତ୍ୟା ସହାୟତା ନ ମିଳିବାରୁ ରାସ୍ତାରୋକୋ

**ତିଗିରିଆ,୧୩।୫(ଡି.ଏନ.ଏ.)**

ତିଗିରିଆ ଥାନା ଅଧୀନ ବିନ୍ଧାଣିମା ପଞ୍ଚାୟତରେ ବାତ୍ୟା ବିପନ୍ନଙ୍କୁ କ୍ଷତିଗ୍ରସ୍ତ ସହାୟତା ନ ମିଳିବାରୁ ବିନ୍ଧାଣିମା ଗ୍ରାମର ୪ନଂ ୱାର୍ଡବାସୀ ସୋମବାର ରାସ୍ତାରୋକୋ କରିଥିଲେ। ସେହିପରି ପଞ୍ଚାୟତ ସରପଞ୍ଚ ବାତ୍ୟାବେଳେ ଲୋକଙ୍କୁ ଗାଳିଗୁଲଜ, ୱାର୍ଡବାସୀଙ୍କ ବିରୋଧରେ ଚୋରି ଅଭିଯୋଗ କରିବା ସହ ବାତ୍ୟା ସହାୟତା ପ୍ରଦାନରେ ଅସହଯୋଗ କରୁଥିବା ଅଭିଯୋଗ କରି ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅସନ୍ତୁଷ୍ଟ ୱାର୍ଡବାସୀ ସକାଳେ ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ବିନ୍ଧାଣିମା ହନୁମାନ ମନ୍ଦିର ଛକଠାରେ ରାସ୍ତାରୋକୋ କରି ସହ ସରପଞ୍ଚଙ୍କ ବିରୋଧରେ ନାରାବାଜି କରିଥିଲେ। ୱାର୍ଡବାସୀ ଆଣିଥିବା ଅଭିଯୋଗ ଅନୁସାରେ, ଫନୀ ବାତ୍ୟାରେ ଗ୍ରାମର ହାଟ ପଡ଼ିଆଠାରେ ଥିବା ପଞ୍ଚାୟତର ଏକ ପୁରୁଣା ଗୋଦାମ ଗୃହ ଭାଙ୍ଗିଯାଇଥିଲା। ସେ ଘରର କାଠ, ଆଜବେଷ୍ଟସ ରାତ୍ରି ସମୟରେ ଚୋରି ହୋଇଥିବା ନେଇ ବିନ୍ଧାଣିମା ସରପଞ୍ଚଙ୍କ ପକ୍ଷରୁ ୱାର୍ଡବାସୀଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା। ଏଥିସହିତ ସରପଞ୍ଚ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ସହଯୋଗରେ ଉକ୍ତ ପଞ୍ଚାୟତର ସମୁଦାୟ ୧୨ ୱାର୍ଡ ମଧ୍ୟରୁ ୧୧ ୱାର୍ଡରେ ବାସଗୃହ କ୍ଷତିଗ୍ରସ୍ତଙ୍କ ତଦନ୍ତ କରାଯାଇ ରିଲିଫ ଏବଂ ପଲିଥିନ ପ୍ରଦାନ କରାଯାଇଥିବା ବେଳେ ୪ନଂ ୱାର୍ଡବାସୀଙ୍କୁ ବାଦ ଦିଆଯାଇଛି। ସରପଞ୍ଚ ଆକ୍ରୋଶ ମୂଳକ ଭାବେ ଉକ୍ତ ୱାର୍ଡର ଜନସାଧାରଣଙ୍କ ବାତ୍ୟା କ୍ଷତିଗ୍ରସ୍ତ ସହାୟତା ପ୍ରଦାନ କରିବାରେ ଅସହଯୋଗ କରିଥିବାରୁ ସେମାନେ ସାନି ତଦନ୍ତ କରି ସହାୟତା ଦେବାକୁ ଦାବି କରିଥିଲେ। ରାସ୍ତାରୋକୋ ସ୍ଥଳରେ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଦାବି ମୁତାବକ ସାନି ତଦନ୍ତ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ହଟି ଯାଇଥିଲେ। ପରେ ତହସିଲ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ହେମନ୍ତ ନାୟକଙ୍କ ସହିତ ଅନ୍ୟ କର୍ମଚାରୀ ଯାଇ ତଦନ୍ତ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ଅଜିତ ରାଉତ କହିଛନ୍ତି, ୪ ନମ୍ବର ୱାର୍ଡବାସୀ ତାଙ୍କ ବିରୋଧର ଆଣିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। ତିଗିରିଆ ତହସିଲଦାର ପରେଶ ନାୟକ କହିଛନ୍ତି, ଉକ୍ତ ୱାର୍ଡରେ ଘରଭଙ୍ଗା ତଦନ୍ତ କରାଯାଇଥିଲା। ଲୋକଙ୍କ ଅଭିଯୋଗ ପରେ ପୁନଃ ତଦନ୍ତ କରାଯାଇଛି। ରାସ୍ତାରୋକୋ ଯୋଗୁ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମୋଟର ଅଟକି ରହିଥିଲା। ପ୍ରାୟ ଦୁଇଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।




## ଢିଙ୍କିଆ ଚାରିଦେଶରେ ପାନ ବରଜ ନଷ୍ଟ

# ଉଦ୍ୟାନ ବିଭାଗର ଦେଖାନାହିଁ, ଚାଷୀ ନିରାଶ

- ତଦନ୍ତ ହୋଇ ନ ଥିବାରୁ ବରଜ ସଜାଡ଼ି ପାରୁନାହାନ୍ତି ଚାଷୀ
- ବ୍ୟାପକ ପରିବା ଫସଲ ନଷ୍ଟ, ଦର ଆକାଶ ଛୁଆଁ

**କୁଜଙ୍ଗ,୧୩।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଏରସମା ବ୍ଲକର ଢିଙ୍କିଆ ଚାରିଦେଶରେ ବ୍ୟାପକ ପାନ ବରଜ ନଷ୍ଟ ହୋଇଛି। ଏଥିସହ କୁଜଙ୍ଗ ବ୍ଲକର ଜିଲାନାସୀ ଅଞ୍ଚଳରେ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ସ୍ଥାନୀୟ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଏରସମା ବ୍ଲକ ଢିଙ୍କିଆ ଗ୍ରାମରେ ୧୪୦, ଗୋବିନ୍ଦପୁରରେ ୫୦, ନୂଆଗାଁରେ ୫୦, ଗଡ଼କୁଜଙ୍ଗରେ ୩୦, ନୋଳିଆସାହିରେ ୩୦ରୁ ଊର୍ଦ୍ଧ୍ୱ ପାନବରଜ ଭାଙ୍ଗିଥିବା ଜଣାପଡିଛି। ଫଳରେ ଏବେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହାର ପ୍ରଭାବରେ ଆସନ୍ତା ଦିନରେ ସ୍ଥାନୀୟ ବଜାରରେ ପାନ ଦର ଆକାଶ ଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ତୁରନ୍ତ ସମସ୍ତ କ୍ଷତିଗ୍ରସ୍ତ ପାନଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାମାଜିକ କର୍ମୀ ଅରୁଣ



କ୍ଷତିଗ୍ରସ୍ତ ପାନବରଜ।

କୁମାର ପରିଡା, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ ଦାବି କରିଛନ୍ତି। ଫନୀରେ ମାନଗୋବିନ୍ଦ ସାହୁ ଓ ଦୈତାରୀ ନାୟକଙ୍କ ପରି ବୟସ୍କ ପାନଚାଷୀମାନେ କ୍ଷତି ସହିଛନ୍ତି। ଅନ୍ୟପକ୍ଷରେ ଉଦ୍ୟାନ କୃଷି ଅଧିକାରୀ ଏସବୁ ତଦନ୍ତ କରୁ ନ ଥିବାରୁ ଚାଷୀମାନେ ବରଜ ସଜାଡ଼ି ପାରୁନାହାନ୍ତି। ଫଳରେ ଖରାରେ ପାନ ନଷ୍ଟ ହେଉଛି ଓ ବରଜ କ୍ଷତିପୂରଣ ପାଇବା ନେଇ ଆଶଙ୍କା ଦେଖାଦେଇଛି। କୁଜଙ୍ଗ ବ୍ଲକ ଜିଲ୍ଲାନାସୀ ପଞ୍ଚାୟତର ଜୟଶଙ୍ଖପୁର, ଜିଲ୍ଲାନାସୀ, ତେନ୍ତୁଳିଆଖମାର, ସାହାରାଡ଼ିଆ, ବରିହାଡ଼ିଆ ଆଦି ଗ୍ରାମରେ ଜନସାଧାରଣ ସାଧାରଣତଃ କୃଷୀ ଉପରେ ନିର୍ଭରଶୀଳ। ଧାନ ବ୍ୟତୀତ ସମସ୍ତ ପ୍ରକାର ପରିବା ଏହି ଅଞ୍ଚଳରେ ଚାଷ କରାଯାଇଥାଏ। କୁଜଙ୍ଗ ବଜାରର ଆବଶ୍ୟକ ପରିବା ଚାହିଦାର ଶତକଡ଼ା ୫୦ ଭାଗ ଜିଲ୍ଲାନାସୀ ପଞ୍ଚାୟତର ଚାଷୀମାନଙ୍କ ଦ୍ୱାରା ପୂରଣ ହୋଇଥାଏ। ମାତ୍ର ଫନୀ ପ୍ରଭାବରେ ଏବେ ପଞ୍ଚାୟତରେ ଚାଷ କରାଯାଇଥିବା ନୋଧୀ, ଭେଣ୍ଡି, କଲରା, ଝୁଡ଼ଙ୍ଗ, ବାଇଗଣ ଆଦି ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ତଥା ଖାଉଟୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ଏବେ ବଜାରରେ ସ୍ଥାନୀୟ ଉତ୍ପାଦିତ ପରିବା ଉପଲବ୍ଧ ହେଉ ନ ଥିବାରୁ ବାହାରୁ ଆସୁଥିବା



ଦୈତାରୀ ନାୟକ



ମାନଗୋବିନ୍ଦ ସାହୁ

ପରିବାର ଦର ଆକାଶ ଛୁଆଁ ହୋଇଛି। ସ୍ଥାନୀ ସରପଞ୍ଚ ପ୍ରମୋଦ କୁମାର ସ୍ୱାଇଁ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ମେ, ୨୦୧୯



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



# ବାଣଫୁଟାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

ନୟାଗଡ଼ ଅଫିସ,୧୩।୫

ନୟାଗଡ଼ ଟାଉନ ଥାନା ଚଣ୍ଡୀବସ୍ତ ଗ୍ରାମରେ ରବିବାର ରାତିରେ ବାଣଫୁଟାକୁ କେନ୍ଦ୍ର କରି ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀସଂଘର୍ଷ ଘଟିଛି। ଏହି ସଂଘର୍ଷରେ ସବର୍ଣ୍ଣ ଲୋକମାନେ ଅସବର୍ଣ୍ଣଙ୍କୁ ଟେକା ପଥର ମାଡ଼ କରିବାରୁ ଏଥିରେ ୬ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଅସବର୍ଣ୍ଣଙ୍କ ଆକ୍ରମଣରେ ସବର୍ଣ୍ଣ ଗୋଷ୍ଠୀର ମଧ୍ୟ ୪ ଜଣ ଆହତ ହୋଇଛନ୍ତି। ଅସବର୍ଣ୍ଣଙ୍କର ୨ଟି କାର୍, ୨ ବାଇକ୍ ଓ ଗୋଟିଏ ଅଟୋ ଭାଙ୍ଗି ଚୂର୍ମାର ହୋଇଛି।

ପ୍ରକାଶ ଯେ, ଚଣ୍ଡୀବସ୍ତ ଗ୍ରାମରେ ରବିବାର ଏକ ବାହାଘର ଥିଲା। ରାତି ୧୧ଟାରେ ହରିଜନସାହି ଦେଇ ବିବାହ ଶୋଭାଯାତ୍ରା ଯାଉଥିଲା। ଏହି ସମୟରେ ବାଣ ଲାଗିବାରୁ ହରିଜନସାହି ଆଗରେ ଥିବା ଏକ ପାଳଗଦା ଓ ନଡ଼ିଆ ଗଛରେ ନିଆଁ ଲାଗିଯାଇଥିଲା। ଅସବର୍ଣ୍ଣ ଗୋଷ୍ଠୀର ଲୋକମାନେ ଏହାକୁ ବିରୋଧ କରିଥିଲେ। ଦଳିତସାହିର ରେଣୁବାଳା ଗୋଛାୟତ ବାଣ ଫୁଟାଇବାକୁ ମନା କରିବାରୁ ତାଙ୍କୁ ବରଯାତ୍ରୀ ତଥା ସବର୍ଣ୍ଣ ଲୋକମାନେ ଗାଳି କରିଥିଲେ। ଏହି ଘଟଣାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀସଂଘର୍ଷ ହୋଇଥିଲା।



ଅସବର୍ଣ୍ଣ ସାହିରେ ଟେକା ପଥର ପଡ଼ିଛି।

**ନୟାଗଡ଼ ବ୍ଲକ ଚଣ୍ଡୀବସ୍ତ ଗ୍ରାମ**
- ଉଭୟ ଗୋଷ୍ଠୀର ୧୦ ଆହତ
- ୨ କାର୍, ୨ ବାଇକ୍ ଓ ୧ ଅଟୋ ଚୂରମାର

ସବର୍ଣ୍ଣ ଲୋକମାନେ ଅସବର୍ଣ୍ଣଙ୍କ ଘରେ ପଶି ସେମାନଙ୍କୁ ବାଡ଼େଇବା ସହିତ ଘରକୁ ଟେକା ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ସେହିପରି ଡିଜେ ଗାଡ଼ିରେ ଥିବା ଏକ ରଡ଼ ସାହାଯ୍ୟରେ ହରିଜନସାହିରେ ଥିବା ୨ଟି କାର୍ , ପ୍ରସନ୍ନ ଗୋଛାୟତଙ୍କ ୧ ଅଟୋ, ମାଳତି ନାୟକଙ୍କ ୨ଟି ବାଇକ୍କୁ ବାଡ଼େଇ ଚୂରମାର କରି ଦେଇଥିଲେ। ଅସବର୍ଣ୍ଣ ଲୋକମାନେ ମଧ୍ୟ ସବର୍ଣ୍ଣ ଲୋକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଛନ୍ତି। ଆହତ ହୋଇଥିବା ଅସବର୍ଣ୍ଣ ଗୋଷ୍ଠୀର ଲୋକମାନେ ହେଲେ ରବୀନ୍ଦ୍ର ଗୋଛାୟତ, ଦୀନବନ୍ଧୁ ଗୋଛାୟତ, ଯୋଗେନ୍ଦ୍ର ଗୋଛାୟତ, ରାକେଶ ଜେନା, ରେଣୁବାଳା ଗୋଛାୟତ ଓ ସୁନୀତା ଗୋଛାୟତ । ସେହିଭଳି ସବର୍ଣ୍ଣ ଗୋଷ୍ଠୀରୁ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ଘଟଣା ପରେ ରାତ୍ରିରେ ଅସବର୍ଣ୍ଣ ଲୋକମାନେ ମେଡିକାଲ୍କୁ ଯିବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଗ୍ରାମ ମୁହଁରେ ସବର୍ଣ୍ଣ ଲୋକମାନେ ନ ଛାଡ଼ିବାରୁ ଆହତ ଅବସ୍ଥାରେ ଅସବର୍ଣ୍ଣ ଲୋକମାନେ ଘରେ ପଡ଼ି ରହିଥିଲେ। ବିଳମ୍ବିତ ରାତିରେ ଟାଉନ ପୋଲିସକୁ ଏ ନେଇ ଜଣାଇବା ପରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଚିକିତ୍ସା ପାଇଁ ନିଜ ଗାଡ଼ିରେ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଚଣ୍ଡୀବସ୍ତ ଗ୍ରାମରେ ୩ ବର୍ଷ ପୂର୍ବରୁ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ଲାଗି ରହିଥିବା ବେଳେ ରବିବାର ଘଟଣା ଏହାକୁ ଅଧିକ ବିବାଦୀୟ କରିଦେଇଛି। ଏହି ଘଟଣାରେ ଅସବର୍ଣ୍ଣଙ୍କ ପକ୍ଷରୁ ରେଣୁବାଳା ଗୋଛାୟତ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ ୬୭/୧୯ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଜୟଦୀପ ମହାନ୍ତି କହିଛନ୍ତି।



ଅସବର୍ଣ୍ଣ ଗୋଷ୍ଠୀର ଆହତ ବ୍ୟକ୍ତିମାନେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକଙ୍କ ମୃତ୍ୟୁ

ରଣପୁର,୧୩।୫ (ସ୍ୱ.ପ୍ର.): ନୟାଗଡ଼ ଜିଲା ଚାନ୍ଦପୁର ଥାନା କନ୍ଧନୟାଗଡ ଗ୍ରାମ ନକ୍ଷତ୍ରପୁର ସାହିରେ ସୋମବାର ଜଣେ ବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ଆନନ୍ଦ ବେହେରାଙ୍କ ସାନପୁଅ ବୁବୁନ ବେହେରା (୮)। ତୃତୀୟ ଶ୍ରେଣୀରେ ପଢୁଥିବା ବୁବୁନ ଅପରାହ୍ନ ୫ଟାରେ ଗ୍ରାମ ନିକଟ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଅସାବଧାନତା ଯୋଗୁ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଗ୍ରାମର କିଛି ଯୁବକ ପୋଖରୀ ନିକଟରେ ପହଞ୍ଚି ବୁବୁନଙ୍କ ପ୍ୟାଣ୍ଟ ହୁଡା ଉପରେ ଥିବା ଦେଖିଥିଲେ। ସନ୍ଦେହ ହେବାରୁ ଗ୍ରାମବାସୀ ପୋଖରୀ ଭିତରେ ଖୋଜାଖୋଜି କରି ବୁବୁନଙ୍କୁ ପାଇଥିଲେ। ସେଠାରୁ ସଙ୍ଗେ ସଙ୍ଗେ ତାଙ୍କୁ ଚାନ୍ଦପୁର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗରିବ ଶ୍ରେଣୀର ଏହି ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବନ ବିଭାଗ ପକ୍ଷରୁ ଚଢ଼ାଉ: ଶାଳ ଲଗ୍ ଜବତ



ଦଶପଲ୍ଲା,୧୩।୫(ଡି.ଏନ.ଏ.): ନୟାଗଡ ଜିଲା ଗଣିଆ ବନାଞ୍ଚଳ ଅଧୀନ ଦଶପଲ୍ଲା ବ୍ଲକର ଲୁଧାପଙ୍ଗା ଗ୍ରାମ ନିକଟରେ ରବିବାର ରାତିରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଶାଳ ଲଗ୍ ଜବତ କରାଯାଇଛି। ମାଫିଆ ମାନେ ଶାଳ ଗଛ କାଟୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିଲା। ଚଢାଉରେ ବନପାଳ ଅଶୋକ କୁମାର ସାହୁ, ବନରକ୍ଷୀ ସୌମ୍ୟ ରଞ୍ଜନ ଦଳେଇ ପ୍ରମୁଖ ସାମିଲ ଥିଲେ। ମାଫିଆ ମାନେ ଖସି ପଳାଇଥିବା ବେଳେ ଘଟଣାସ୍ଥଳରୁ ଏକ କରତ ଓ ବିପୁଳ ପରିମାଣର ଶାଳ ଲଗ୍ ଜବତ କରାଯାଇଛି। ଏସବୁ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। କାଠ ସବୁ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ କଟା ଯାଇଥିବା ଜଣାପଡିଛି।

### ବିଏସ୍ଏନ୍ଏଲ୍ ବିଚ୍ଛିନ୍ନ ଯୋଗୁ ଅସନ୍ତୋଷ

ଟାଙ୍ଗୀ(ଖୋର୍ଦ୍ଧା),୧୩।୫(ଡି.ଏନ.ଏ.): ଫନୀ ବାତ୍ୟାର ଦୀର୍ଘ ୧୨ ଦିନପରେ ମଧ ସ୍ଥାନୀୟ ଅଞ୍ଚଳରେ ଭାରତୀୟ ସଞ୍ଚାର ନିଗମ ଟେଲି (ବିଏସ୍ଏନ୍ଏଲ୍) ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ରହିଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ବିଏସ୍ଏନ୍ଏଲ୍ ଏ ପର୍ଯ୍ୟନ୍ତ ସେବା ପ୍ରଦାନରେ ବିଫଳ ରହିଥିବା ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଉଲ୍ଲେଖଯୋଗ୍ୟ, ପ୍ରବଳ ବାତ୍ୟା ଯୋଗୁ ଟାଙ୍ଗୀ ଅଞ୍ଚଳରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ସଂଯୋଗ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ତେବେ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ସମ୍ପ୍ରତି କାର୍ଯ୍ୟକ୍ଷମ ହୋଇ ଗ୍ରାହକଙ୍କୁ ସେବା ଯୋଗାଇ ଦେବାରେ ସଫଳ ହୋଇପାରିଛନ୍ତି। ଅନ୍ୟ ପକ୍ଷରେ ରାଷ୍ଟ୍ରାୟତ୍ତ ସଂସ୍ଥା ଭାରତ ସଞ୍ଚାର ନିଗମ ଗ୍ରାହକଙ୍କୁ ଉତ୍ତମମାନର ଟେଲି ସେବା ପ୍ରଦାନ କରିବାରେ ବିଫଳ ହୋଇ କଚ୍ଛପ ଗତିରେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଉତ୍ତମ ସେବା ପ୍ରଦାନ କ୍ଷେତ୍ରରେ ବିଫଳ ହେଲେ ଭବିଷ୍ୟତରେ ଏହି କମ୍ପାନୀ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ବିଭିନ୍ନ ମହଲରେ ମତାମତ ପ୍ରକାଶ ପାଇଛି।

## ଶିଖରପୁର ସରପଞ୍ଚ ପଦକୁ ନେଇ କୋର୍ଟଙ୍କ ରହିତାଦେଶ

ଖଣ୍ଡପଡ଼ା,୧୩।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ ସରପଞ୍ଚ ପଦବୀ ଉପରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ ଖଣ୍ଡପଡା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଗତ ଏପ୍ରିଲ ୩୦ତାରିଖରେ ଶିଖରପୁର ପଞ୍ଚାୟତ ନିର୍ବାଚନ ମାମଲାର ଶୁଣାଣି କରି ସରପଞ୍ଚ ନବ କିଶୋର ସାହୁ ପଦବୀ ହରାଇଥିବା ଦର୍ଶାଇଥିଲେ। ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟତମ ପ୍ରାର୍ଥୀ ଭିକାରୀ ଚରଣ ସାହୁ ୧୨୪୮ ଖଣ୍ଡ ଭୋଟ ପାଇଥିବାବେଳେ ସରପଞ୍ଚ ନବକିଶୋର ୧୨୩୫ ଖଣ୍ଡ ଭୋଟ ପାଇଥିଲେ। ଫଳରେ ଭିକାରୀ ଚରଣ ସାହୁ ଅଧିକ ୧୩ଖଣ୍ଡ ଭୋଟ ପାଇଥିବାରୁ ତାଙ୍କୁ ଶିଖରପୁର ପଞ୍ଚାୟତର ନୂତନ ସରପଞ୍ଚ ଭାବେ ଦାୟିତ୍ୱ ପ୍ରଦାନ କରିବାକୁ ଅଦାଲତ ନୟାଗଡ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଖଣ୍ଡପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତଙ୍କ ଏହି ରାୟ ବିରୋଧରେ ସରପଞ୍ଚ ନବକିଶୋର ଜିଲା ଜଜ୍କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ଅଦାଲତ ଗ୍ରହଣ କରି ଶିଖରପୁର ସରପଞ୍ଚ ପଦବୀ ଉପରେ ରହିତାଦେଶ ଜାରି କରିବା ସହ ଏ ସମ୍ପର୍କୀତ ନିର୍ବାଚନୀ ମାମଲାର ଶୁଣାଣି ନିମନ୍ତେ ଆସନ୍ତା ୧୭ ତାରିଖକୁ ଦିନ ଧାର୍ଯ୍ୟ କରିଥିବା କୋର୍ଟ ନିର୍ଦ୍ଦେଶନାମାରୁ ଜଣାପଡିଛି।

## ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ୍

ଗଣିଆ,୧୩।୫(ଡି.ଏନ.ଏ.)

ସଚେତନତାମୂଳକ କାର୍ଯ୍ୟକ୍ରମ ସତ୍ତ୍ୱେ ନୟାଗଡ଼ ଜିଲାରେ ବାଲ୍ୟ ବିବାହ ବୃଦ୍ଧି ପାଇବାରେ ଲାଗିଛି। ବହୁ ସ୍ଥାନରେ ଜାଣିଶୁଣି ବରପିତା ଓ କନ୍ୟାପିତାମାନେ ଆଇନକୁ ଆଖିଠାର ମାରି ଲୁଚିଛପି ବାଲ୍ୟବିବାହ କରିବା ପାଇଁ ମସୁଧା କରୁଛନ୍ତି। ଗତ ରବିବାର ଅପରାହ୍ନରେ ଗଣିଆ ଥାନା ରାଉତପଡା ଗ୍ରାମରେ ଏହିଭଳି ଏକ ବିବାହକୁ ଚାଇଲ୍ଡଲାଇନ ତରଫରୁ ରୋକାଯାଇଛି । ମିଳିଥବା ସୂଚନା ଅନୁଯାୟୀ, ରାଉତପଡା ଗ୍ରାମର ପାଣୁ ବେହେରାଙ୍କ ପୁଅ ରମାକାନ୍ତ (୩୦)ଙ୍କ ସହିତ ଫତେଗଡ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ବିବାହ ଆୟୋଜନ ଚାଲିଥିଲା । ବିଶେଷ ସୂତ୍ରରୁ ଖବର ପାଇ ଗଣିଆ ସିଡିପିଓ ଲକ୍ଷ୍ମୀ ଦାସ, ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଚାଇଲ୍ଡଲାଇନର ନିରଞ୍ଜନ ସାହୁ ଓ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିବାହକୁ ରୋକିଥିଲେ । ଏଥି ସହ ବାଲ୍ୟ ବିବାହ ନ କରାଇବା ସମ୍ପର୍କରେ ସଚେତନ କରାଇଥିଲେ। ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ନ କରାଇବା ଓ ସେ ପର୍ଯ୍ୟନ୍ତ ଝିଅ ମା'ବାପାଙ୍କ ପାଖରେ ରହିବ ବୋଲି ଉଭୟପକ୍ଷ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।

## ରଣପୁରରେ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା



ଶ୍ରୀଜୀଉଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ରଣପୁର,୧୩।୫ (ସ୍ୱ.ପ୍ର.)

ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସହ ସାମଞ୍ଜସ୍ୟ ରହୁଥିବା ରଣପୁର ଜଗନ୍ନାଥ ମନ୍ଦିରରେ ମଧ ବାରମାସରେ ତେରପର୍ବ ପାଳିତ ହୋଇଥାଏ। ତନ୍ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ଠାକୁରଙ୍କ ଜଳକ୍ରୀଡାକୁ ଚନ୍ଦନ ଯାତ୍ରା କୁହାଯାଏ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୨୧ଦିନ ଧରି ଅନୁଷ୍ଠିତ ହୋଇଥାଏ। ମନ୍ଦିରରେ ଥିବା ଦୋଳଗୋବିନ୍ଦଙ୍କ ସହିତ ପଞ୍ଚୁ ମହାଦେବ ବଧି ପୋଖରୀରେ ଜଳକ୍ରୀଡା କରିଥାନ୍ତି। ବୈଶାଖ ମାସର ଅସହ୍ୟ ରୌଦ୍ରତାପ ଠାକୁରମାନଙ୍କୁ ପ୍ରଭାବିତ କରିଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଠାକୁରମାନେ ଜଳ କ୍ରୀଡା କରିବାର ପରମ୍ପରା କେଉଁ ଆବାହମାନ କାଳରୁ ରହିଛି । ଏହି ପରମ୍ପରାକୁ ଦୃଷ୍ଟିରେ ରଖି ପ୍ରତ୍ୟହ ଅପରାହ୍ନରେ ଠାକୁରମାନେ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ବଧିପୋଖରୀରେ ଚାପ ଖେଳିଥାନ୍ତି। ଚଳିତବର୍ଷ ବାତ୍ୟା ଫନୀ ଯୋଗୁ ଶ୍ରୀ ଜୀଉଙ୍କ ଶୋଭାଯାତ୍ରା ଓ ଚାପ ଖେଳ ଆଡମ୍ବର ସହକାରେ ହେଉନାହିଁ ବୋଲି ଭକ୍ତମାନେ ପ୍ରକାଶ କରିଛନ୍ତି। ବଧି ପୁଷ୍କରିଣୀ ମଝିରେ ଥିବା ଚାପଘରେ ଠାକୁରମାନେ ଚାପ ଖେଳିଥାନ୍ତି। ସେଠାରେ ନୀତିକାନ୍ତି କରାଯାଇ ଠାକୁରମାନଙ୍କୁ ଜଗତି ଉପରେ ବିଜେ କରାଯାଇ ଜଳ ଲାଗି କରାଯାଇଥାଏ। ପରେ ଠାକୁରମାନଙ୍କ ବେଶ କରାଯାଇ ଶୀତଳ ମଣୋହି ପଞ୍ଚ ଉପଚାରରେ ପୂଜା ପାଇଥାନ୍ତି। ପୁନଶ୍ଚ ଠାକୁରମାନେ ବିଭିନ୍ନ ବେଶ ହୋଇ ଡଙ୍ଗାରେ ଚାପକ୍ରୀଡା କରିଥାନ୍ତି। ଏହା ଦେଖିବା ପାଇଁ ରାତ୍ରରେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ମଧ୍ୟରାତ୍ରରେ ଠାକୁରମାନେ ମନ୍ଦିରକୁ ଫେରିଯାଇଥାନ୍ତି।

## ରଣପୁରରେ କଙ୍ଗାରୁ କୋର୍ଟ
# ଏକଘରିକିଆ କରି ନିର୍ଯାତନା



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ରଙ୍କନାଥ ଓ ଅନ୍ୟମାନେ।

**ଥାନାରେ ଅଭିଯୋଗ କଲେ ପରିବାର**

ରଣପୁର,୧୩।୫(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ କଙ୍ଗାରୁ କୋର୍ଟ କରି ପରିବାରକୁ ନିର୍ଯାତନା ଦେବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଏଭଳି ଏକ ଘଟଣା ସମ୍ପର୍କରେ ରଣପୁର ଥାନାରେ ଅଭିଯୋଗ ହୋଇଛି। ବଳଭଦ୍ରପୁର ପଞ୍ଚାୟତର ଶ୍ରୀହରିପୁର ଗ୍ରାମରେ କଙ୍ଗାରୁ କୋର୍ଟ କରି ଗ୍ରାମର କେତେକ ଲୋକ ଏକ ପରିବାରକୁ ନିର୍ଯାତନା ଦେଇଛନ୍ତି। ନିର୍ଯାତନାର ଶିକାର ହୋଇଥିବା ପରିବାର ମୁଖ୍ୟ ରଙ୍କନାଥ ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ପୂର୍ବ ବିବାଦକୁ କେନ୍ଦ୍ର କରି ଶ୍ରୀହରିପୁର ଗ୍ରାମର କେତେକ ଲୋକ ସଭା କରି କିଛିମାସ ହେବ ରଙ୍କନାଥ ସ୍ୱାଇଁ ଓ ତାଙ୍କ ଭାଇଙ୍କ ପରିବାରକୁ ଏକଘରିକିଆ ରଖିଛନ୍ତି। ଗ୍ରାମର କୌଣସି ବ୍ୟକ୍ତି ଯଦି ଏହି ପରିବାର ସହ କଥା ହେବେ ତାଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ହେବ ବୋଲି ଧମକ ଦିଆଯାଇଛି। ଫଳରେ ଗ୍ରାମର କୌଣସି ଲୋକ ଉକ୍ତ ପରିବାର ସହ କଥାବାର୍ତ୍ତା କରନ୍ତି ନାହିଁ। ରଙ୍କନାଥଙ୍କ ପରିବାର ଗ୍ରାମ ଦାଣ୍ଡରେ ଗଲାବେଳେ ତାଙ୍କୁ ବିଭିନ୍ନ କମେଣ୍ଟ କରାଯାଇଥାଏ । ଏପରିସ୍ଥଳେ ପୂର୍ବ ବିବାଦକୁ ନେଇ ଗତ ୬ ତାରିଖରେ ଗ୍ରାମର କିଛି ଲୋକ ଠେଙ୍ଗା ଓ ମାରଣାସ୍ତ୍ର ଧରି ବାତ୍ୟାରେ ରଙ୍କନାଥଙ୍କ ଜମିରେ ଥିବା ବୋରୱେଲ୍କୁ ସଂଯୋଗ କରୁଥିବା ବିଦ୍ୟୁତ୍ ତାର ସହିତ ଶାଗୁଆନ ଗଛ କାଟି ଦେଇଥିଲେ । ଏହାକୁ ବିରୋଧ କରିବାରୁ ରଙ୍କନାଥଙ୍କ ଦୁଆରେ ସେମାନେ କଣ୍ଟା ଛାଟି ଗ୍ରାମ ଦାଣ୍ଡକୁ ଛାଡୁନାହାନ୍ତି। ଏ ବିଷୟରେ କାହାରିକୁ ଅଭିଯୋଗ କଲେ ଘରେ ନିଆଁ ଲଗାଇଦେବାର ଧମକ ମଧ୍ୟ ଦେଇଛନ୍ତି। ଏହାକୁ ନେଇ ରଙ୍କନାଥଙ୍କ ପରିବାର ଭୟଭୀତ ହୋଇ ରହିଛନ୍ତି। ଏଠାରେ ସୂଚନାଯୋଗ୍ୟ ୪ବର୍ଷ ତଳେ ଗ୍ରାମରେ କରାଯାଇଥିବା ମନ୍ଦିର କମିଟିରୁ ରଙ୍କନାଥ ୪ହଜାର ଟଙ୍କା ଋଣ ଆକାରରେ ନେଇଥିଲେ। ଏହି ଟଙ୍କା ସେ ଶୁଝି ନ ଥିବା ଗ୍ରାମବାସୀ କହୁଥିଲାବେଳେ ରଙ୍କନାଥ ଟଙ୍କା ଶୁଝିଦେଇଥିବା କହୁଛନ୍ତି। ଏହି ଘଟଣାକୁ ନେଇ ରଙ୍କନାଥଙ୍କୁ ଗ୍ରାମରେ କଙ୍ଗାରୁ କୋର୍ଟ କରାଯାଇ ଏକଘରିକିଆ ରଖାଯାଇଛି । ଏ ସମ୍ପର୍କରେ ଥାନା ଅଧିକାରୀ ବୈଦ୍ୟନାଥ ଭୋଇ କହନ୍ତି, ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରାଯାଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

ଖଣ୍ଡପଡ଼ା,୧୩।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗରେ କର୍ମଚାରୀ ଥିବା ଅଜୟ କୁମାର ପଟ୍ଟନାୟକଙ୍କୁ ସ୍ଥାନୀୟ କାଦୁଆସାହିର ଜଣେ ଯୁବକ ଗାଳିଗୁଲଜ କରିବା ସହ ମାଡ଼ ମାରିଥବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଫତେଗଡ଼ ଥାନା ଭାପୁର ବ୍ଲକ ଖଇରଗାଡିଆ ଗ୍ରାମର ଅଜୟ କୁମାର ପଟ୍ଟନାୟକ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗରେ ଜଣେ ଏଚଆର କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି । ରବିବାର ସକାଳ ପ୍ରାୟ ୭ଟାରେ ସେ ସହରାଞ୍ଚଳକୁ ଜଳଯୋଗାଣ ପାଇଁ ରଥଗଡା ଛକଠାରେ ସ୍ଲୁଇସ୍ ଭାଲ୍ଭ ଅପରେଟ କରୁଥିବା ସମୟରେ କାଦୁଆସାହିର ପ୍ରିୟ ରଞ୍ଜନ ସ୍ୱାଇଁ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏପରି କି ତାଙ୍କୁ ମାରିଦେବାର ଧମକ ଦେଇଥିବା ନେଇ ଅଜୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୮୨/୧୯ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Ink Tank Based Printer on Buy Back basis of 49 Nos. of different make printers.** The last date and time of submission of the tender is 17.15 Hours on Dt.22/05/2019.
For details, log on to website **https://eprocure.gov.in/eprocure/app.**
**Sr.Dy. Materials Manager**
**PPT/PR/39/19-20** Dt. 13.05.2019

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
**TENDER NOTICE NO. SR.G.M. (S&S) - 01/2019-20**
For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 7 Nos. of 2.0 Ton and 1 No. 1.5 Ton 3 Star Inverter Split A.C. Machines (Make : LG / Carrier / Blue Star / Hitachi / Voltas) and 5.0KVA Voltage Stabilizers for OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Split A.C. Machines with Voltage Stabilizers for OPTCL/GRIDCO".** Tender papers can be downloaded from the OPTCL website from **dt.11.05.2019** to **dt.23.05.2019** up to **1.00 PM** . The last date for receipt of tender is **dt.23.05.2019** upto **1:00 PM.** The tender will be opened on **dt.23.05.2019** at **4:00 PM.** Interested firms may visit OPTCL's official website **www.optcl.co.in** for detail specifications.
Sd/- **Sr. General Manager (S&S)**
Please connect us: optcl.odisha optcl_odisha energyodisha




**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍ଡିଂ ଏବଂ ଏସ୍ପିଏମ୍ କ୍ୱାର୍ଟର୍ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୭।୦୫।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନି ଶହ) ଦିନ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସିଗ୍ନାଲିଂ ଓ ଟେଲିକମ୍ୟୁନିକେଶନ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ରେଲ୍ୱେ ମ୍ୟାନେଜର (ଏସ୍ ଆଣ୍ଡ ଟି)/ରାୟପୁର ନିମ୍ନଦର୍ଶିତ କାର୍ଯ୍ୟର ନିର୍ବାହ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:
**(୧) ଟେଣ୍ଡର ବିଜ୍ଞପ୍ତି ନଂ.: ୫୦୫-ଏସ୍ଏନ୍ଟି-ଆର୍-୨୦୧୯-୦୧ ତାରିଖ: ୦୮।୦୫।୨୦୧୯**
**କାର୍ଯ୍ୟର ନାମ:** ସିଗ୍ନାଲିଂ ଓ ଟେଲିକମ୍ କାର୍ଯ୍ୟ ସମ୍ପାଦନ: (୧) ରାୟପୁର ଡିଭିଜନର ଏମ୍ଏକ୍ସଏ-ଡିଆର୍ଜେଡ୍ ସେକ୍ସନରେ ଆର୍ଏସ୍ଏ ଏବଂ ବିଏକ୍ସଏ ଠାରେ ଅତି ପୁରୁଣା ଆନାଲଗ୍ ଏକ୍ସିଲ୍ କାଉଣ୍ଟରକୁ ଡିସି ଟ୍ରାକ୍ ସର୍କିଟ୍ ସହିତ ବଦଳାଇବା। (୨) ବିକ୍ୟୁଆର୍ଠାରେ ଅପ୍ ଲୁପ୍ ଲାଇନ୍ ଉପରେ ମେଶିନ୍ ସାଇଡିଂର ସଂଯୋଗୀକରଣ। (୩) ରାୟପୁର ଡିଭିଜନର ଡିବିଇସି (ଏଚ୍-କ୍ୟାବିନ୍, ବିଏମ୍ୱାଇ)ଠାରେ ଫୁଟ୍ ଓଭରବ୍ରିଜ୍ର ବ୍ୟବସ୍ଥା। (୪) ଦୁର୍ଗ ଷ୍ଟେଶନଠାରେ ଲାଇନ୍ ନଂ.୪ର କ୍ଷତିଗ୍ରସ୍ତ ୱାଶେବଲ୍ ଆପ୍ରନ୍କୁ ବଦଳାଇବା। (୫) ତିଲ୍ଦା ଷ୍ଟେଶନଠାରେ ବିଦ୍ୟମାନ ଥ୍ରୋ ଏଫ୍ଓବିକୁ ସୁରକ୍ଷା ଦୃଷ୍ଟିରୁ ଜବରଦଖଲକୁ ଦୂର କରିବା ପାଇଁ ୩.୦୦ ମିଟର ଚଉଡ଼ା ନୂଆ ଏଫ୍ଓବି ଦ୍ୱାରା ବଦଳାଇବା। (୬) କିମି ୮୨୯/୩୧-୩୫ (୮୨୯.୫୪୧)ଠାରେ ପିଡବ୍ଲ୍ୟୁଡି ବିଭାଗ, ରାୟପୁର (ରାଜ୍ୟ ସରକାର ଛତିଶଗଡ଼)ଙ୍କ ଦ୍ୱାରା ତେଲଘନି ନାକାରୁ ରାମନଗରକୁ ସଂଯୋଗ କରୁଥିବା ଆର୍ୟୁବି ନିର୍ମାଣ ସଂକ୍ରାନ୍ତରେ କେବୁଲ ସ୍ଥାନାନ୍ତର କାର୍ଯ୍ୟ। (୭) ଏନ୍ଜିପି-ଏଚ୍ଡବ୍ଲ୍ୟୁଏଚ୍ ମେନ୍ଲାଇନ୍ ଉପରେ ଓଏଚ୍ଇ ମାଷ୍ଟ ନଂ.୮୬୯/୨୩ଏନ୍-୨୭ଏନ୍ ମଧ୍ୟରେ ରେଳ ଷ୍ଟେଶନ ନିକଟସ୍ଥ ବିଦ୍ୟମାନ ଆର୍ଓବି ପାର୍ଶ୍ୱରେ ତେଲଘନି ନାକା ପାଖରେ ପିଡବ୍ଲ୍ୟୁଡି ବିଭାଗ (ରାଜ୍ୟ ସରକାର ଛତିଶଗଡ଼)ଙ୍କ ଦ୍ୱାରା ଟ୍ରାଫିକ୍ ସୁବିଧା ପାଇଁ ଆର୍ଓବି ନିର୍ମାଣ ସଂକ୍ରାନ୍ତରେ କେବୁଲ ସ୍ଥାନାନ୍ତର କାର୍ଯ୍ୟ। (୮) ରାୟପୁର ଷ୍ଟେଶନଠାରେ ଲାଇନ୍ ନଂ.୧ ଓ ଲାଇନ୍ ନଂ.୨ର କ୍ଷତିଗ୍ରସ୍ତ ୱାଶେବଲ୍ ଆପ୍ରନ୍କୁ ବଦଳାଇବା।
**ଟେଣ୍ଡର ମୂଲ୍ୟ:** ₹୬୭,୮୯,୭୦୪/-। **ଇଏମ୍ଡି:** ₹୧,୩୫,୮୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୫,୦୦୦/- । **ସମାପ୍ତି ଅବଧି:** ୦୯ (ନଅ) ମାସ।
ବିଡର୍ମାନେ କେବଳ **ତା୧୮।୦୬।୨୦୧୯ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ନାକଚ କରିଦିଆଯିବ । ବିବରଣୀ ଆମ ୱେବ୍ସାଇଟ୍: **www.ireps.gov.in**ରେ ଉପଲବ୍ଧ।
ଡିଭିଜନାଲ ରେଲ୍ୱେ ମ୍ୟାନେଜର (ଏସ୍ଆଣ୍ଡଟି)
PR/R/S&T/AK/20 ଏସ୍.ଇ.ସି. ରେଳପଥ, ରାୟପୁରଙ୍କ ପାଇଁ
ସ୍ୱଚ୍ଛ ଭାରତ ଅଭିଯାନ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ମେ, ୨୦୧୯



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



# ଦୃଷ୍ଟି ଆଢୁଆଳରେ ଅକୁରାସର

**ଖଣ୍ଡପଡା, ୧୩।୫(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର ଅକୁରାସର (ବୃହତ୍ ଜଳାଶୟ) ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦୀର୍ଘବର୍ଷ ହେବ ଏହା ମଧ୍ୟରେ ଦଳ ଓ ଅନାବନା ଗୁଳ୍ମ ଆଚ୍ଛାଦିତ ହୋଇ ରହିଥିବାରୁ ଏହା ଏକ ପଡିଆର ଭ୍ରମ ସୃଷ୍ଟି କରୁଛି। ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ସମ୍ପ୍ରତି ଏହି ଜଳାଶୟ ମଶା, ସରୀସୃପଙ୍କ ଅନ୍ତୁଡିଶାଳ ପାଲଟିଛି। ଏହାକୁ ପୁନରୁଦ୍ଧାର ପାଇଁ ବିଭିନ୍ନ ରାଜନେତାଙ୍କ ସମେତ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଉଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ୫ଦିନ ହେବ ଗାଁର ଯୁବକମାନେ ମନରେ ସାହସ ଜୁଟାଇ ସରର ସଫେଇ କାର୍ଯ୍ୟ ଆରମ୍ଭ କରିଛନ୍ତି।

ବନ୍ୟା ସମୟରେ ମହାନଦୀର ଉଦ୍‌ବୃତ୍ତ ଜଳ ସ୍ଲୁଇସ୍ ଗେଟ ଦେଇ ଗହୀର ବିଲ ମଧ୍ୟରେ ପ୍ରବେଶ କରି ସିଧାମୂଳା ପଞ୍ଚାୟତ ବଳରାମପ୍ରସାଦ ଗ୍ରାମ ଶେଷମୁଣ୍ଡରେ ୨.୫ କି.ମି. ଲମ୍ୱ ଓ ୩ଶହ ମିଟର ଓସାରରେ ଏକ ଜଳାଶୟ ସୃଷ୍ଟି କରିଥିଲା। ୧୭.୪୦ ଏକର ପରିମିତ ଏହି ଜଳାଶୟ ପରବର୍ତ୍ତୀ ସମୟରେ ଅକୁରାବନ୍ଧ ସର ବା ଅକୁରାସର ନାଳ ଭାବରେ ପରିଚିତ ହେଲା। ନିକଟ ଗ୍ରାମଗୁଡିକରେ କୌଣସି ବନ୍ଧ ବା ପୋଖରୀ ନ ଥିବାରୁ ଏହି ବୃହତ୍ ଜଳାଶୟରେ ସିଧାମୂଳା, ଘୋଡାମାରୀଦ୍ୱାର ଓ ବଳରାମପ୍ରସାଦ ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ନାନଶୌଚାଦି ସାଙ୍ଗକୁ ପାନୀୟଜଳ ପାଇଁ ନିର୍ଭର କରୁଥିଲେ। ଏହାଛଡା ଅଞ୍ଚଳର ଗୃହପାଳିତ ପ୍ରାଣୀ ମଧ୍ୟ ପିଇବା ଓ ଗାଧୋଇବା ପାଇଁ ଏହା ଉପରେ ନିର୍ଭର କରୁଥିଲେ। ଏଥିରେ ଥିବା ବଡ଼ ବଡ଼ ମାଛର ଚାହିଦା ବଜାରରେ ଅଧିକ ଥିବାରୁ ଗ୍ରାମ ନିକଟ ଧୀବରମାନେ ଏହା ଦ୍ୱାରା ଲାଭବାନ ହେଉଥିଲେ। ମାତ୍ର ଏହି ଦଳପୂର୍ଣ୍ଣ ସରନାଳରେ ଏବେ ସ୍ନାନ କରିବା ବିପଦପୂର୍ଣ୍ଣ ହୋଇପଡିଛି। ଏଥିରେ ରହିଥିବା ମଶା, ଡାଆଁଶ ଓ ସରୀସୃପ ଭୟ ସୃଷ୍ଟି କରୁଥିବା ଗ୍ରାମର ଗୋଲଖ ଲେଙ୍କା, ନାରାୟଣ ରାଉତ, ସନାତନ ଲେଙ୍କା, ବନ୍ଧୁ ବିଶ୍ୱାଳ ଓ ଘନଶ୍ୟାମ ମିଶ୍ର ପ୍ରମୁଖ କୁହନ୍ତି।

ଗତ ୨୫ବର୍ଷ ମଧ୍ୟରେ ୫ଟି ସାଧାରଣ ନିର୍ବାଚନ ଅତିବାହିତ ହୋଇ ଯାଇଥିବା ବେଳେ ନିର୍ବାଚନ ପ୍ରଚାରକୁ ଆସୁଥିବା ବିଭିନ୍ନ ଦଳୀୟ ନେତା ସରକୁ ନିଶ୍ଚିତ ପୁନରୁଦ୍ଧାର କରାଯିବ ବୋଲି ମିଠା ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ମାତ୍ର ଅଞ୍ଚଳବାସୀଙ୍କ ଆଶା ଆଶାରେ ହିଁ ରହିଯାଉଛି। ଏପରିସ୍ଥଳେ ଗାଁର ଯୁବଗୋଷ୍ଠୀ ପରିତ୍ୟକ୍ତ ଜଳାଶୟ ସଫେଇ କରିବାକୁ ବାହାରିଛନ୍ତି। ସମସ୍ୟା ସମ୍ପର୍କରେ ଆଉ କାହାକୁ ଗୁହାରି କରିବା ଆବଶ୍ୟକ ନାହିଁ, ଏହାର ସମାଧାନ ପାଇଁ ଆମକୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡିବ। କିନ୍ତୁ ତା'ପୂର୍ବରୁ ଆମେ ସାଧ୍ୟମତେ ଚେଷ୍ଟା କରିବା ବୋଲି ସଫେଇ କାର୍ଯ୍ୟରେ ନିୟୋଜିତ ଅକୁରାବନ୍ଧ ଗ୍ରାମର ଭାସ୍କର ପାତ୍ର, ଶ୍ରୀକାନ୍ତ ରାଉତ, ପିଣ୍ଟୁ ପାତ୍ର, ଚିତ୍ତରଞ୍ଜନ ଦାସ, ଧନଞ୍ଜୟ ରାଉତ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ଯୁବକ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟରେ ଗ୍ରାମବାସୀଙ୍କ ସହଯୋଗ ରହିଥିବାବେଳେ ପରବର୍ତ୍ତୀ ସମୟରେ ଗାଁର ସମସ୍ତ ଯୁବକ ସାମିଲ ହେବେ ବୋଲି ଜଣାପଡିଛି। ଅଞ୍ଚଳବାସୀଙ୍କ ଜୀବନରେଖା ପାଲଟିଥିବା ଏହି ସର ପାଇଁ ଆଗାମୀ ଦିନରେ ଜନ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୯ ଜୁଲାଇରେ ତତ୍କାଳୀନ ନୟାଗଡ଼ ଜିଲାପାଳ ପରେଶ ଚନ୍ଦ୍ର ନାୟକ ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ପରେ ଉକ୍ତ ଜଳାଶୟକୁ ପରିଦର୍ଶନରେ ଆସି ଏହାର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର କରିଥିଲେ। ହେଲେ ଏହି ଅର୍ଥର ସଦ୍‌ବିନିଯୋଗ ହୋଇପାରି ନ ଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ବୃହତ୍ ଜଳାଶୟ ସଫେଇରେ ମଗ୍ନ ଅଛନ୍ତି ଯୁବଗୋଷ୍ଠୀ।

- ମଶା, ସରୀସୃପଙ୍କ ଅନ୍ତୁଡିଶାଳ ପାଲଟିଛି
- ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଲେ ଯୁବଗୋଷ୍ଠୀ

## ଥଇଥାନ କାର୍ଯ୍ୟ ମନ୍ଥର

**ପୁରୀ ଅଫିସ, ୧୩।୫**

ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଛି। ଘରଦ୍ୱାର, ଚାଷଜମି, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ ସେବା ଆଦି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଜିଲାର ଶତାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଭଳି ସ୍ଥିତିରେ ବିପନ୍ନଙ୍କ ନିକଟରେ ତୁରନ୍ତ ଖାଦ୍ୟ ସାମଗ୍ରୀ ଓ ପାନୀୟଜଳ ପହଞ୍ଚାଇବା ଲାଗି ପ୍ରଶାସନ ପକ୍ଷରୁ ଯେପରି ତତ୍ପରତା ଦେଖାଇବା କଥା ତାହା ସେପରି ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଥଇଥାନ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ସ୍ଥାନରେ ରିଲିଫ ଓ ପାନୀୟଜଳ ବ୍ୟବସ୍ଥା ହୋଇନାହିଁ ବୋଲି ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କ୍ଷତିଗ୍ରସ୍ତଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ବିଶୁଦ୍ଧ ପାନୀୟଜଳ ଓ ଖାଦ୍ୟ ସାମଗ୍ରୀ ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ଅଧିକାଂଶ ଅଞ୍ଚଳରେ ରିଲିଫ ସାମଗ୍ରୀ ପହଞ୍ଚିନାହିଁ। ଏପର୍ଯ୍ୟନ୍ତ ବିଦ୍ୟୁତ ସେବା ସ୍ୱାଭାବିକ ହୋଇପାରିନାହିଁ। ପ୍ରଶାସନ କେବଳ ଚୁଡ଼ା, ଗୁଡ଼, ବିସ୍କୁଟ ଧରାଇ ଦେଇ ଚୁପ ବସିଛି। ବାହାରୁ ଆସୁଥିବା ରନ୍ଧା ଓ ଶୁଖିଲା ଖାଦ୍ୟ ଖାଇ ଲୋକେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳରେ ରନ୍ଧା ଖାଦ୍ୟ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ସଂଘ ଦାବି କରିଛି।

## ସଂକ୍ଷେପରେ

### ୧୦ ଦିନ ମଧ୍ୟରେ ସ୍ୱାଭାବିକ ହେବ ଟେଲିଫୋନ ସେବା



**ପୁରୀ ଅଫିସ, ୧୩।୫:** ବାତ୍ୟାରେ ପୁରୀ ଜିଲାରେ ଟେଲିଫୋନ ସେବା ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ପୁରୀ ସହରରେ ଥିବା ସବୁ ଟେଲିକମ୍ କମ୍ପାନୀର ଟାୱାର ନଷ୍ଟ ହୋଇଯାଇଛି। କେତେକ ଟାୱାର ଉପୁଡ଼ି ପଡ଼ିଥିବାବେଳେ ଆଉ କେତେକ ଭାଙ୍ଗିପଡ଼ିଛି। ଫଳରେ ଟେଲିଫୋନ ସେବା ବ୍ୟାହତ ହୋଇଛି। ଦୁଇଟି କମ୍ପାନୀ ପକ୍ଷରୁ ଅସ୍ଥାୟୀ ଟାୱାର ବସାଯାଇଥିଲେ ମଧ୍ୟ ଏହା ଉପଭୋକ୍ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସେବା ଯୋଗାଇ ପାରୁନାହିଁ। ଅଧିକାଂଶ ସମୟ ଫୋନ୍ ଲାଗୁ ନ ଥିବାବେଳେ ପୁଣି କେତେବେଳେ ଭଏସ୍ କଟୁଛି। ତେଣୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଟେଲିଫୋନ ସେବାକୁ ସ୍ୱାଭାବିକ କରିବା ଲାଗି ସୋମବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଟେଲିଫୋନ ସେବା ସ୍ୱାଭାବିକ ହୋଇବାକୁ ଆହୁରି ୧୦ଦିନ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ସମୀକ୍ଷା ବୈଠକରେ ଟେଲିକମ୍ ବିଭାଗର ଅଂଶୁପ୍ରକାଶଙ୍କ ସହ ବିଭିନ୍ନ କମ୍ପାନୀର ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଆସନ୍ତା ୭ଦିନ ଅର୍ଥାତ୍ ୨୦ତାରିଖ ସୁଦ୍ଧା ୮୦ ପ୍ରତିଶତ ମୋବାଇଲ ନେଟ୍‌ୱର୍କ କାର୍ଯ୍ୟ କରିବ। ସେହିପରି ଆସନ୍ତା ୧୦ଦିନ ମଧ୍ୟରେ ଟେଲିଫୋନ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବ। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୦ ପ୍ରତିଶତ ଏଟିଏମ୍ ଓ ୪୦ ପ୍ରତିଶତ ବ୍ୟାଙ୍କ କାର୍ଯ୍ୟକ୍ଷମ କଲାଣି। ଅଫ୍ ଲାଇନ୍‌ରେ ଅଧିକାଂଶ ବ୍ୟାଙ୍କରେ କାରବାର ଚାଲିଛି। ଉକ୍ତ ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାଳାଶ୍ରମରେ ରହିଲେ ଉଦ୍ଧାର ନାବାଳିକା

**ପୁରୀ ଅଫିସ, ୧୩।୫:** ପୁରୀ ଟାଉନ ଥାନା ଅଞ୍ଚଳରୁ ରବିବାର ରାତିରେ ଲୋକେ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପୋଲିସ ଜିମା ଦିଆଯାଇଥିଲା। ପରେ ପୋଲିସ ତାଙ୍କୁ ଚାଇଲ୍ଡଲାଇନକୁ ହସ୍ତାନ୍ତରିତ କରିଥିଲା। ସୋମବାର ଜିଲା ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ନାବାଳିକାଙ୍କୁ ବାଳାଶ୍ରମରେ ରଖାଯାଇଛି। କମିଟି ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ କହିଛନ୍ତି, ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଜନୈକା ନାବାଳିକା ବାଟ ଜାଣି ନ ପାରି ଭୁଲ୍‌ରେ ପୁରୀ ଚାଲି ଆସିଥିଲେ। ରାତିରେ ସହରରେ ବୁଲୁଥିବାବେଳେ ସନ୍ଦେହରେ ଦୁଇ ଜଣ ଯୁବକ ତାଙ୍କୁ ଉଦ୍ଧାର କରି ଟାଉନ ପୋଲିସ ଜିମା ଦେଇଥିଲେ।

### ଉଦ୍ଧାର କ୍ଷତାକ୍ତ ଶିଶୁର ଅସ୍ତ୍ରୋପଚାର

**ପୁରୀ ଅଫିସ, ୧୩।୫:** ପୁରୀ ପେଣ୍ଟକଟା ବେଳାଭୂମିରୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ନବଜାତ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶିଶୁର ବାମଗୋଡରେ ଗଭୀର କ୍ଷତ ଚିହ୍ନ ରହିଛି। ସୋମବାର ଶିଶୁର ସାଧାରଣ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ତାକୁ ସ୍ପେଶାଲ ନ୍ୟୁବର୍ନ କେୟାର ୟୁନିଟ(ଏନଏନସିୟୁ)ରେ ରଖାଯାଇଛି। ତା'ର ସ୍ୱାସ୍ଥ୍ୟବସ୍ଥା ପ୍ରତି ଦୃଷ୍ଟି ଦେବା ଲାଗି ଚାଇଲ୍ଡଲାଇନ ଏବଂ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସିଡବ୍ଲ୍ୟୁସି ଅଧକ୍ଷ ଏମ୍.ଆର୍. ସାହୁ କହିଛନ୍ତି।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବେଗୁନିଆ/ବୋଲଗଡ, ୧୩।୫(ଡି.ଏନ୍.ଏ.):** ବେଗୁନିଆ ଥାନା ବୋଲଗଡ ବ୍ଲକ ଅଧୀନ ମାଣିବନ୍ଧ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ସୋମବାର ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ମାଣିବନ୍ଧ ଗ୍ରାମର ସୁବ୍ରତ ଖୁଣ୍ଟିଆ(୧୩)। ସୂଚନା ଅନୁଯାୟୀ, ସୁବ୍ରତ ପୂର୍ବାହ୍ନ ପ୍ରାୟ ୧୦ଟାରେ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହଠାତ ସେ ଗଭୀର ପାଣିକୁ ଚାଲି ଯାଇଥିଲେ। ସୁବ୍ରତ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ସୁବ୍ରତ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସୁବ୍ରତ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଜଣାପଡିଛି।

## ମହୀପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ
# ବନଦୁର୍ଗା ଟ୍ରାନ୍ସପୋର୍ଟ ଚାମ୍ପିୟନ

**ନୂଆଗାଁ, ୧୩।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଖେଳ ପଡିଆରେ ଚାଲିଥିବା ମହୀପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଇଲେଭେନ ଷ୍ଟ୍ରାଇକର୍ସଙ୍କୁ ହରାଇ ବନଦୁର୍ଗା ଟ୍ରାନ୍ସପୋର୍ଟ ଚାମ୍ପିୟନ ଟ୍ରଫି ହାସଲ କରିଛି। ଗତ ଏପ୍ରିଲ ୧୩ ତାରିଖଠାରୁ ମହୀପୁର କ୍ରିକେଟ ଆସୋସିଏଶନ ତରଫରୁ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ବନଦୁର୍ଗା ଟ୍ରାନ୍ସପୋର୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଇଲେଭେନ ଷ୍ଟ୍ରାଇକର୍ସ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୨ରନ କରି ମ୍ୟାଚଟି ହାରିଯାଇଥିଲା। ଚାମ୍ପିୟନ ଦଳର ବିଜୟ କୁମାର ସାହୁ ସର୍ବାଧିକ ୩୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଓ ଦିଲୀପ କୁମାର ସାହୁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ବେଷ୍ଟ ବୋଲର ଭାବେ ଆଦିତ୍ୟ ବେହେରା, ବେଷ୍ଟ ଫିଲ୍‌ଡର ଭାବେ ବନଜିତ ସାହୁ ସମ୍ମାନିତ ହୋଇଥିଲେ। ମହୀପୁର ବନାଞ୍ଚଳ ଅଧିକାରୀ ଶୁଭ୍ରାଂଶୁ ଶେଖର ପଣ୍ଡା ମୁଖ୍ୟ ଅତିଥି ଓ ମହୀପୁର ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ନବ କିଶୋର ନନ୍ଦ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବ୍ରଜବନ୍ଧୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଧାଂଶୁ ଶେଖର ସିଂହସାମନ୍ତ ଓ ଲଲନ କିରଣ ଦାସ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ମହୀପୁର କ୍ରିକେଟ ଆସୋସିଏଶନ ସଭାପତି ଅମିୟ କୁମାର ପାତ୍ର, ସମ୍ପାଦକ ସିଦ୍ଧାର୍ଥ କୁମାର ରତ୍ନ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଟ୍ରଫି ଓ ଅତିଥିଙ୍କ ସହ ଖେଳାଳିମାନେ।

## କଂକ୍ରିଟ ବିଦ୍ୟୁତ୍ ଖୁଣ୍ଟ ନିର୍ମାଣରେ ଦୁର୍ନୀତି ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା), ୧୩।୫(ଡି.ଏନ.ଏ.)**

ସମ୍ପ୍ରତି କଂକ୍ରିଟ୍ ବିଦ୍ୟୁତ୍ ଖୁଣ୍ଟ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତକୁ ବିଦ୍ୟୁତ୍ ସରବରାହ କ୍ଷେତ୍ରରେ ବିଳମ୍ବ ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୂର୍ବରୁ ଶକ୍ତ ଲୁହାଖୁଣ୍ଟ ବ୍ୟବହାର କରାଯାଉଥିବାବେଳେ ସମ୍ପ୍ରତି ନିମ୍ନମାନର ସିମେଣ୍ଟ ଖୁଣ୍ଟଗୁଡ଼ିକ ସହଜରେ ଭାଙ୍ଗିଯାଉଛି। ନିର୍ମାଣ ସମୟରେ ଏଥିରେ ଆବଶ୍ୟକ ପରିମାଣର ସିମେଣ୍ଟ, ବାଲି ଓ ଚିପସ୍ ଇତ୍ୟାଦି ମିଶାଯାଉନାହିଁ। ଏଥିରେ ବ୍ୟବହୃତ ଲୁହାଛଡ଼ ସାଇଜ ମଧ୍ୟ ଠିକ୍ ନାହିଁ। ତେଣୁ ନିମ୍ନମାନର କଂକ୍ରିଟ ଖୁଣ୍ଟଗୁଡ଼ିକ ଫନୀ ଭଳି ପ୍ରାକୃତିକ ଦୁର୍ବିପାକ ସହ୍ୟ କରି ନ ପାରି ସହଜରେ ଭାଙ୍ଗିରୁଜି ଯାଉଛି। ଏଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ଫନୀ ବାତ୍ୟା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଅପରପକ୍ଷେ ପୂର୍ବତଟ ରେଳବାଇ ତରଫରୁ ଉଚ୍ଚମାନର କଂକ୍ରିଟ୍ ଖୁଣ୍ଟ ବ୍ୟବହାର କରାଯାଇଥିବାରୁ ଏହା ନଷ୍ଟ ହୋଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି।

## ରଥଖଳାରୁ...
# ତୁମ୍ବରେ ସୂତା ବାଡ଼ିଆ ହେଲା

**ପୁରୀ ଅଫିସ, ୧୩।୫**

ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ ଚାଲିଛି। ପରମ୍ପରା ଅନୁଯାୟୀ, ରଥ କାମ ଆରମ୍ଭ ହେବାର ସପ୍ତମ ଦିନରେ ସୋମବାର ତୁମ୍ବରେ ସୂତା ବାଡ଼ିଆ ଯାଇଛି। ଏହାପରେ ତୁମ୍ବରେ ବିନ୍ଧ କରାଯିବ। ସୋମବାର ସୁଦ୍ଧା ନନ୍ଦିଘୋଷ ରଥର ୮ଟି ତୁମ୍ବ ତିଆରି ସରିଥିବାବେଳେ ତାଳଧ୍ୱଜ ଏବଂ ଦର୍ପଦଳନ ରଥର ୭ଟି ଲେଖାଏ ତୁମ୍ବ ତିଆରି ସରିଛି। ରଥ ନିର୍ମାଣ ଆରମ୍ଭ ହେବାର ୭ଦିନ ମଧ୍ୟରେ ସମସ୍ତ ୪୨ଟି ତୁମ୍ବ ତିଆରି ସରିବା କଥା। କିନ୍ତୁ ବର୍ତ୍ତମାନ ତୁମ୍ବ ପାଇଁ ଆବଶ୍ୟକ କାଠ ପହଞ୍ଚି ନ ଥିବାରୁ ତୁମ୍ବ ନିର୍ମାଣ କାମ ପଛାଇ ଯାଇଛି। ସେହିପରି ରଥଖଳାକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇନାହିଁ। ଫଳରେ ବିନ୍ଧ ପାଇଁ ସମସ୍ୟା ଉପୁଜିବା ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ରଥଖଳାକୁ ବିଦ୍ୟୁତ୍ ସଂଯୋଗ ଦେବା ନେଇ ମହାରଣା ସେବକମାନେ ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।



ରଥଖଳାରେ ତୁମ୍ବରେ ସୂତା ବାଡ଼ିଆ ହେଉଛି।

## ଗଣିଆରେ ବ୍ୟାଙ୍କ, ଏଟିଏମ୍ ସେବା ବିପର୍ଯ୍ୟସ୍ତ
### ଲିଙ୍କ୍ ଫେଲ୍ ଯୋଗୁ ଗ୍ରାହକ ହନ୍ତସନ୍ତ

**ଗଣିଆ, ୧୩।୫(ଡି.ଏନ.ଏ.)**

ଗଣିଆରେ ଦୀର୍ଘଦିନ ଧରି ବ୍ୟାଙ୍କ ଓ ଏଟିଏମ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଅଞ୍ଚଳର ବହୁ ଉପଭୋକ୍ତା ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରକାଶ ଯେ, ଗଣିଆରେ ଇଣ୍ଡିଆନ ବ୍ୟାଙ୍କ ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଉପରେ ବହୁ ଉପଭୋକ୍ତା ନିର୍ଭର କରିଥାନ୍ତି। ଏହି ଉଭୟ ଶାଖା ତରଫରୁ ବଜାର ପରିସରରେ ଖୋଲାଯାଇଥିବା ଏଟିଏମ୍ କାଉଣ୍ଟରଗୁଡିକ ବହୁଦିନ ଧରି ଅଚଳ ଅବସ୍ଥାରେ ପଡିରହିଛି। ଏପରିସ୍ଥଳେ ବଜାରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକମାତ୍ର ଏଟିଏମ୍ କାଉଣ୍ଟର ଗ୍ରାହକଙ୍କ ଭରସା ପାଲଟିଛି। ତେବେ ଗଣିଆରେ ଅନ୍ୟ ବ୍ୟାଙ୍କଗୁଡିକ ଅପେକ୍ଷା ଇଣ୍ଡିଆନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରେ ବହୁ ସମସ୍ୟା ଲାଗିରହିଛି। ଦୀର୍ଘ ସମୟ ଧରି ଲିଙ୍କ୍ ଫେଲ ଯୋଗୁ ଗ୍ରାହାକଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡିରେ ଅପେକ୍ଷା କରିବାକୁ ପଡୁଛି। ପେନ୍‌ସନ୍ ଟଙ୍କା ଉଠାଣ ପାଇଁ ଆସୁଥିବା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନ ଥିବା ଦେଖିବାକୁ ମିଳୁଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଉପଭୋକ୍ତାମାନେ ଦିନତମାମ ଅପେକ୍ଷା କରୁଥିବା ବେଳେ ଆଉ କିଛି ଗ୍ରାହକ ବ୍ୟାଙ୍କ ସେବା ନ ପାଇ ନିରାଶ ହୋଇ ଫେରୁଛନ୍ତି। ସେହିପରି ଅପ୍‌ଡେଟ ମେଶିନଟି ଆରମ୍ଭରୁ ଅଚଳ ହୋଇଥିବା ବେଳେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲାଗିଥିଲେ ମଧ୍ୟ ତାହା ଅଚଳ ହୋଇ ପଡିରହିଛି। ଏ ସମ୍ପର୍କରେ ଗଣିଆ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ମିହିରକାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ବ୍ୟାଙ୍କ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ। ହେଲେ ସମସ୍ୟା ସମାଧାନ ଦିଗରେ କୌଣସି ଧ୍ୟାନ ଦେଉନାହାନ୍ତି।



ଇଣ୍ଡିଆନ ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ଗ୍ରାହକଙ୍କ ଭିଡ଼।

# ଓଡ଼ଗାଁ: ଜବରଦଖଲରେ ମୂଲ୍ୟବାନ ଜମି

**ଓଡ଼ଗାଁ, ୧୩।୫(ସ୍ୱ.ପ୍ର.)**

ନୟାଗଡ ଜିଲାର ପ୍ରମୁଖ ତହସିଲ ଓଡ଼ଗାଁ ଓ ଏନଏସି ଅଞ୍ଚଳରେ ବହୁ ମୂଲ୍ୟବାନ ଜମି ଜବରଦଖଲରେ ରହିଥିବା ଅଭିଯୋଗ ହେଉଛି। ଏନେଇ ପ୍ରଶାସନିକ ଅଧିକାରୀ ଅବଗତ ଥିଲେ ସୁଦ୍ଧା ସେମାନଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ଜିଲାର ଓଡ଼ଗାଁ ସହିତ ଦଳକ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯିବା ପରେ ନିକଟବର୍ତ୍ତୀ ବହୁ ଲୋକଙ୍କର ସଦର ଅଞ୍ଚଳର ଜାରିଙ୍ଗୀ ମୌଜାରେ ଥିବା ଜାଗା ଉପରେ ନଜର ପଡିଥିଲା। ଫଳରେ କେତେଜଣ ସ୍ଥାନୀୟ ଦଲାଲଙ୍କ ସହାୟତାରେ ଏହି ମୌଜାରେ ଥିବା ବହୁ ମୂଲ୍ୟବାନ ଜମିକୁ ଟଙ୍କା ଦେଇ ବେଆଇନଭାବେ ଦଖଲକୁ ନେଇଛନ୍ତି। ଏଥିସହ କାଗଜପତ୍ର କରିବାକୁ ଉଦ୍ୟମ ମଧ୍ୟ କରିଥିଲେ।

ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭିନ୍ନ ଗ୍ରାମରେ ଜବରଦଖଲକାରୀଙ୍କ ନିଜସ୍ୱ ଘରବାରି ଥିଲେ ସୁଦ୍ଧା ସେମାନଙ୍କୁ ପୁଣିଥରେ ବାସହୀନ ଦର୍ଶାଇ ସରକାରଙ୍କ ତରଫରୁ ଘରବାରି ପ୍ରଦାନ କରାଯାଇଥିଲା। ଏସବୁ ପଛରେ ହୀନ ରାଜନୈତିକ ଉଦ୍ୟମ ରହିଥିବା ଆଲୋଚନା ହେଉଛି। ଏନେଇ ପ୍ରଶାସନିକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିପାରନ୍ତା। ସାଧାରଣ ନିର୍ବାଚନ ପୂର୍ବରୁ ସ୍ଥାନୀୟ ବଜାର ଓ ସରକାରୀ ପଲିଟେକ୍‌ନିକ ନିକଟରେ ସରକାରୀ ଜାଗାରେ ବେଆଇନ ଦଖଲରେ ଥିବା କେତେକ ଦୋକାନ ଘରକୁ ଉପଜିଲାପାଳ, ତହସିଲଦାର ଓ ଏନଏସି ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଭାଙ୍ଗିଦିଆଯାଇଥିଲା। ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗିଥିବା ବେଳେ କେତେକ ଜବରଦଖଲକାରୀ ଦୋକାନ ଘରକୁ ପୁନଃ ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ରବିଗାଡିଆ ପଞ୍ଚାୟତ ଅନ୍ତର୍ଗତ ଜାମୁପାଟଣା ଓ ଶୁଳିଆ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ବିଭିନ୍ନ କିସମର ପ୍ରାୟ ୬୦ ଏକର ସରକାରୀ ଜମିକୁ ଜଣକ ପରେ ଜଣେ ହଡପ କରିବାକୁ ଉଦ୍ୟମ କରୁଥିବା ଜଣାଯାଇଛି। ପ୍ରଥମେ ସେମାନେ ଉକ୍ତ ସରକାରୀ ଜାଗାରେ ଝାଟିମାଟି ଚାଳଛପର ଘର କରି ରହିବା ପରେ ସେଠାରେ ସରକାରୀ ଅନୁଦାନରେ ଗ୍ରାମୀଣ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ କରିବାରେ ସଫଳ ହେଉଛନ୍ତି। ଏପରି କି କେତେକ ସମୟରେ ରାଜସ୍ୱ ନିରୀକ୍ଷକ ସେହି ସ୍ଥାନଗୁଡ଼ିକରେ ନାଲି ପତାକା ମାରିଥିଲେ ସୁଦ୍ଧା ସେଥିପ୍ରତି କେହି ଖାତିର କରୁ ନାହାନ୍ତି। ଏପରିସ୍ଥଳେ ବାବା ଦ୍ୟୁତିକେଶ୍ୱର ମହାଦେବଙ୍କ ମନ୍ଦିର ନିକଟସ୍ଥ ପାଣି ଟାଙ୍କି ପାଖରେ ଝାଟିମାଟି ଓ ଚାଳଛପର ଘର ନିର୍ମାଣ କରି କେତେକ ଲୋକ ସରକାରୀ ଜାଗା ହଡପ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି।

ଜବରଦଖଲ ସମ୍ପର୍କରେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକଙ୍କୁ ପଚରାଯିବାରୁ ସମ୍ପ୍ରତି ଆଚରଣ ବିଧି ଲାଗିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ଏବଂ ଆଚରଣ ବିଧି ଉଠିବା ପରେ ହିଁ ଯାହାକିଛି କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ।



ଜବରଦଖଲ ଜମିରେ ଘର ତିଆରି କରାଯାଇଛି।